## ସଂକ୍ଷେପରେ

### ମହମ୍ମଦ ଜୟନ୍ତୀ ପାଳିତ

ଚନ୍ଦାହାଣ୍ଡି, ୩୦।୧୦(ଡି.ଏନ୍.ଏ.)- ଚନ୍ଦାହାଣ୍ଡି ବ୍ଲକ ଅଧୀନ ମୋହରା ଏବଂ ବେହେରାମୁଣ୍ଡା ଜାମା ମସ୍‌ଜିଦ୍‌ରେ କରୋନା କଟକଣା ମଧ୍ୟରେ ଶୁକ୍ରବାର ମହମ୍ମଦଙ୍କ ଜୟନ୍ତୀ(ଜସ୍ନେ-ଇଦ୍-ମିଲାଦୁନ୍-ନବୀ)ପାଳନ କରାଯାଇଛି। ମହରା ମସ୍‌ଜିଦ୍‌ରେ ଅଂଜୁମନ ଇସ୍‌ଲାମିୟା କମିଟି ସଭାପତି ୟୁନୁସ ଓ ବେହେରାମୁଣ୍ଡାରେ ମହମ୍ମଦ ଜିନ୍ନାଙ୍କ ଦ୍ୱାରା ଧାର୍ମିକ ପତାକା ଉତ୍ତୋଳନ କରାଯାଇ ମୌଲାନା ମହମ୍ମଦ ସଲମାନ ରଜା ହବିବିଙ୍କ ପୌରହିତ୍ୟରେ ଫାତିହା ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋହରା ସୁନ୍ନି ମୁସଲିମ କମିଟି ସଭାପତି ମହମ୍ମଦ ୟୁନୁସ, ସମ୍ପାଦକ ମହମ୍ମଦ ସଲିମ, ଉପସଭାପତି ମହମ୍ମଦ ରଫିକ, ହାଜି ମହମ୍ମଦ ଇଶା, ମହମ୍ମଦ ହନିଫ, ମୁରାଦୁ ଅଲ୍ଲୀ, ଅକବର ଅଲ୍ଲୀ, ଅବଦୁଲ ମଜିଦ, ଅବଦୁଲ କୟୁମ ପ୍ରମୁଖ ଉପସ୍ଥିତ ଥିଲେ।

### ନଳକୂପରୁ ବାହାରୁଛି ଦୂଷିତ ପାଣି



ଚନ୍ଦାହାଣ୍ଡି, ୩୦।୧୦(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ମୋତିଗାଁ ଆମପଡାର ଗାଁରେ ଅଛି ନଳକୂଅ। କିନ୍ତୁ ସେଥିରୁ ବାହାରୁଛି ଦୂଷିତ ପାଣି। ଫଳରେ ଲୋକମାନେ ପିଇବା ପାଣି ପାଇଁ ନଦୀ ଉପରେ ନିର୍ଭର କରୁଛନ୍ତି। ନଦୀ ପାଣିରୁ ରୋଗ ବ୍ୟାପିବା ଭୟ ଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନା ମୁତାବିକ ମୋତିଗାଁ ଆମପଡାରେ ୪୦ ପରିବାରର ୧୦୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ଏଠାରେ ୨ଟି ନଳକୂପ ଖୋଳା ଯାଇଛି। ଗୋଟିଏ ନଳକୂପରୁ ଭଲ ଓ ଅନ୍ୟଟିରୁ ଦୂଷିତ ପାଣି ବାହାରୁଛି। ଗୋଟିଏ ନଳକୂପ ଲୋକଙ୍କ ଶୋଷ ମେଣ୍ଟାଇ ପାରୁନାହିଁ। ଗାଁ ଲୋକେ ପିଇବା ପାଣି ପାଇଁ ନଦୀ ଉପରେ ନିର୍ଭର କରୁଛନ୍ତି। ନଳକୂପରୁ ଦୂଷିତ ପାଣି ବାହାରୁ ଥିବା ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି। ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ନଳକୂପରେ ଚାନ୍ଦିନୀ କରାଯାଇ ନାହିଁ। ମଇଳା ପାଣିପାଇଁ ଟାଙ୍କି ନିର୍ମାଣ କରାଯାଇ ନ ଥିବାରୁ ସେଠାରେ ଅଳିଆ ଆବର୍ଜନା ଜମି ନଳକୂଅରୁ ପୋକ ବାହାରୁ ଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଚନ୍ଦାହାଣ୍ଡି ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଅନୀତା ପ୍ରଧାନଙ୍କୁ ପଚାରିବାରୁ ନଳକୂପର ପାଣି ପରୀକ୍ଷା କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଆଇଆର୍‌ଇ କାମ ବନ୍ଦ କରି ୧୫ ଗିରଫ

ଛତ୍ରପୁର,୩୦।୧୦(ଡି.ଏନ୍.ଏ.)- ଛତ୍ରପୁର ଉପକଣ୍ଠ ଆଇଆର୍‌ଇ (ଭାରତୀୟ ବିରଳ ମୃତ୍ତିକା) ପ୍ଲାଣ୍ଟର ପ୍ରକଳ୍ପ କାମ ବନ୍ଦ କରିବା ଓ ଗଣ୍ଡଗୋଳ ମାମଲାରେ ୧୫ ଜଣଙ୍କୁ ଚମାଖଣ୍ଡି ପୋଲିସ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୭ଜଣ ମହିଳା ଓ ୮ଜଣ ପୁରୁଷ ରହିଛନ୍ତି। ପ୍ରକାଶ ଯେ, ଆଇଆର୍‌ଇ ପ୍ରକଳ୍ପ କାମ ଚାଲିଥିବା ଜମି ଆମର ବୋଲି ସ୍ଥାନୀୟ କେତେକ ଲୋକେ ଦାବି କରିଆସୁଛନ୍ତି। ଏପରିକି ଉକ୍ତ ଜମିରେ ଚାଲିଥିବା ପ୍ରକଳ୍ପ କାମକୁ ଏମାନେ ବନ୍ଦ କରିଥିଲେ। ଏନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚମାଖଣ୍ଡି ଥାନାରେ ଏତଲା ଦିଆଯାଇଥିଲା। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୪୫/୨୦) ରୁଜୁ କରି ସମ୍ପୃକ୍ତ ୧୫ ଜଣଙ୍କୁ ଗିରଫ କରିଛି।

### ୩ ବଖରା ଜଳିଗଲା

ବୁଗୁଡ଼ା,୩୦।୧୦(ଡି.ଏନ୍.ଏ.)-ବୁଗୁଡ଼ା ଥାନା କରଚୁଲି ପଞ୍ଚାୟତ ନୂଆଁପଲ୍ଲୀ ଗାଁରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୩ ପରିବାରର ୩ ବଖରା ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତମାନେ ହେଲେ ନୂଆପଲ୍ଲୀ ଗ୍ରାମର ପ୍ରତିମା ନାୟକ, ପ୍ରସନ୍ନ ନାୟକ ଓ କାଲୁ ନାୟକ। କୌଣସି କାରଣରୁ ସକାଳେ ନିଆଁ ବାହାରି ୩ ବଖରାକୁ ବ୍ୟାପିଯାଇଥିଲା। ଫଳରେ ଘରେ ଥିବା ଧାନ, ଚାଉଳ ଆଦି ବିଭିନ୍ନ ସାମଗ୍ରୀ ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଛି। ଖବର ପାଇ ବୁଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। ତହସିଲଦାର ସଂଗ୍ରାମ କେଶରୀ ଜେନା ଆସି ରେଡକ୍ରସ ପାଣ୍ଠିରୁ କ୍ଷତିଗ୍ରସ୍ତ ୩ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ।

# ପ୍ରସ୍ତାବରେ ଅଟକିଛି ମୃଗ ଗୋଷ୍ଠୀ ସଂରକ୍ଷଣ ସ୍ଥଳ

ଭଞ୍ଜନଗର,୩୦।୧୦(ଡି.ଏନ୍.ଏ.)

## ପ୍ରକୃତି ପର୍ଯ୍ୟଟନସ୍ଥଳୀରେ ତାଲା




ଭଞ୍ଜନଗର ବନ ବିହାରରେ ତାଲା ଝୁଲୁଛି।

ବର୍ତ୍ତମାନ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଛି। କିନ୍ତୁ କରୋନା ଯୋଗୁ ପର୍ଯ୍ୟଟନ ସ୍ଥଳୀ ଗୁଡିକୁ ବନ୍ଦ କରି ଦିଆଯାଇଛି। ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିଛି, କିନ୍ତୁ ଶୀତ ଋତୁରେ ଆକ୍ରାନ୍ତଙ୍କ ସଂଖ୍ୟା ପୁଣି ବଢ଼ିବା ସମ୍ଭାବନା ଦେଖାଦେଲାଣି। କରୋନା ଟିକା ବଜାରକୁ କେବେ ଆସିବ ତାହା ଜଣାନାହିଁ। ତେଣୁ ସରକାର ମଧ୍ୟ ପର୍ଯ୍ୟଟନସ୍ଥଳ ଗୁଡିକ ସର୍ବସାଧାରଣଙ୍କ ପାଇଁ ଖୋଲିବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ତେଣୁ ଆଜକୁ ୭ମାସ ହେବ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ପ୍ରକୃତି ପର୍ଯ୍ୟଟନସ୍ଥଳୀ (ଇକୋ ଟୁରିଜିମ୍)ରେ ତାଲା ଝୁଲୁଛି। ପର୍ଯ୍ୟଟନସ୍ଥଳ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଅର୍ଥ ଖର୍ଚ୍ଚ ହେଉଛି, କିନ୍ତୁ ରାଜସ୍ୱ ଆଦାୟ ହେଉନାହିଁ। ଅନ୍ୟପଟେ ପର୍ଯ୍ୟଟନସ୍ଥଳ ଗୁଡିକ ଖୋଲିବା ପାଇଁ ପ୍ରଶାସନ ସ୍ଥାନୀୟ ପ୍ରଶାସନକୁ କେବେ ଅନୁମତି ଦେବେ ତାହାକୁ ନେଇ ବନ ବିଭାଗ, ଜଳସମ୍ପଦ ବିଭାଗ ଅପେକ୍ଷା କରିଛି।

ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧୀନରେ ଥିବା ରାଜ୍ୟର ପ୍ରସିଦ୍ଧ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ତାଲା ଝୁଲୁଛି। ଘୁମୁସର ଉତ୍ତର ବନଖଣ୍ଡ ଅଧୀନରେ ଥିବା ଭଞ୍ଜନଗର ବନ ବିହାର, ଶାଳୁଆପଲ୍ଲୀ ଓ କାଳିଆମ୍ବ ପ୍ରକୃତି ପର୍ଯ୍ୟଟନ ସ୍ଥଳୀ ଅଛି। ସେହିଭଳି ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନରେ ମଧ୍ୟ ଅନେକ ପର୍ଯ୍ୟଟନ ସ୍ଥଳୀ ଅଛି। ଘୁମୁସର ବନଖଣ୍ଡର ବିଭିନ୍ନ ସ୍ଥାନରେ ବିରଳ କୃଷ୍ଣ ସାର ମୃଗ, ମୟୂର ଓ କଇଁଛ ଦେଖାଯାଆନ୍ତି। ଭେଟନଇ, ବୁଗୁଡା ଓ ବାଲିପଦର ଅଞ୍ଚଳର ବିଭିନ୍ନ ସ୍ଥାନରେ ବିରଳ କୃଷ୍ଣସାର ମୃଗ ଦେଖିବାକୁ ମିଳିଥାଏ। ରାସ୍ତା କଡରେ ମୃଗମାନଙ୍କ ବିଚରଣ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।

ପ୍ରତି ୨ବର୍ଷକୁ ଥରେ ମୃଗ ଗଣନା ହୋଇଥାଏ। ୨୦୦୮ରେ ଘୁମୁସର ଦକ୍ଷିଣ ବନଖଣ୍ଡରେ ୧୬୭୨ଟି ମୃଗ ଥିବାବେଳେ ୨୦୧୧ରେ ୨୧୮୧, ୨୦୧୫ରେ ୨୬୧୮ ଓ ୨୦୨୦ରେ ତାହା ୪୧୧୪ରେ ପହଞ୍ଚିଛି। ସେମାନଙ୍କ ରକ୍ଷଣାବେକ୍ଷଣ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବହୁ ପଦକ୍ଷେପ ନିଆଯାଉଛି। ମୃଗ ବିଚରଣ କରୁଥିବା ଅଞ୍ଚଳକୁ ଗୋଷ୍ଠୀ ସଂରକ୍ଷଣ ସ୍ଥଳ (କମ୍ୟୁନିଟି ରିଜର୍ଭ) ଘୋଷଣା କରିବା ପାଇଁ ୨୦୦୫ରୁ ପ୍ରସ୍ତାବ ରହିଛି। ଏହା ଘୋଷଣା ହେଲେ ମୃଗମାନଙ୍କ ଅଧିକ ସୁରକ୍ଷା କରାଯିବା ସହ ଅନେକ ନୂଆ ଯୋଜନା କାର୍ଯ୍ୟକାରୀ ହେବ। ଭେଟନଇ, ନାରାୟଣପୁର, ବଜ୍ରକୋଟ, ପାଣ୍ଡିଆପଥର, ଭେଜିପୁଟ, ସାମନ୍ତପୁର, ସିଦ୍ଧନଇ, ଗହଙ୍ଗୁ, ଧନିଜା, ଦାନ, ଚନ୍ଦନପେଡି, ଫାଫଲପୁରର ୭୪୧୦.୬୦ ଏକର ଏବଂ ଆସିକା ନିକଟସ୍ଥ ଢ଼ଉଗାଁ, ତାଳସାକର, ଖୋଲଖୋଲି, ବୁରୁଖୋଲା, କାଞ୍ଚିଆପଲ୍ଲୀ, ରାମଣ୍ଡା, ବାଲିପଦର ଅଞ୍ଚଳର ୬୯୯୨.୨୨୩ ଏକର ଅଞ୍ଚଳକୁ ନେଇ ଗୋଷ୍ଠୀ ସଂରକ୍ଷଣ ସ୍ଥଳ ଘୋଷଣା କରାଯିବାର ପ୍ରସ୍ତାବ ରହିଛି। ବିଭାଗ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ୨୦୦୫ରୁ ପ୍ରସ୍ତାବ ଯାଇଥିଲେ ମଧ୍ୟ ବିଭିନ୍ନ କାରଣ ଯୋଗୁ କାର୍ଯ୍ୟକାରୀ ହୋଇପାରିନାହିଁ।

ଆସିକା ରେଞ୍ଜର ପାକିଡି ସମେତ ଅନ୍ୟାନ୍ୟ ଅଞ୍ଚଳରେ ମାଳ ମାଳ ମୟୂର ଦେଖାଯାଆନ୍ତି। ଏହା ମଧ୍ୟ ଘୁମୁସର ଦକ୍ଷିଣ ବନଖଣ୍ଡର ଅନ୍ୟ ଏକ ଆକର୍ଷଣ ସ୍ଥଳ। ବୁଗୁଡା ରେଞ୍ଜର ଗୋଳିଆ ଗ୍ରାମରେ ଥିବା ଏକ ପୋଖରୀରେ ଶତାଧିକ ବିରଳ କଇଁଚ ଅଛନ୍ତି। ଏହାର ରକ୍ଷଣାବେକ୍ଷଣ ମଧ୍ୟ ବିଭାଗ ପକ୍ଷରୁ କରାଯାଉଛି। ଗ୍ରାମବାସୀ ଏଥିରେ ସହଯୋଗ କରୁଛନ୍ତି।

ଏନେଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେଉରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, କମ୍ୟୁନିଟି ରିଜର୍ଭ ଘୋଷଣା ପାଇଁ ପ୍ରସ୍ତାବ ଯାଇଛି। ସେହିଭଳି ଉତ୍ତର ଘୁମୁସର ବନଖଣ୍ଡରେ ମଧ୍ୟ କୃଷ୍ଣସାର ମୃଗ ଏବଂ ମୟୂରଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ପ୍ରକୃତି ପର୍ଯ୍ୟଟନସ୍ଥଳ ଗୁଡିକ ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ଆଗାମୀ ଦିନରେ ଯୋଜନା ଥିବା ଯୋଗୁ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

### ଜମି ବଣ୍ଟନକୁ ନେଇ ମହିଳାଙ୍କୁ ମାଡ଼ ଅଭିଯୋଗ ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

କବିସୂର୍ଯ୍ୟନଗର,୩୦।୧୦

ଜମି ଭାଗବଣ୍ଟାକୁ କେନ୍ଦ୍ର କରି କବିସୂର୍ଯ୍ୟନଗର ସଦାବର୍ତ୍ତନ ନୂଆଗାଁରେ ଗାୟତ୍ରୀ ସ୍ୱାଇଁଙ୍କୁ ତାଙ୍କ ସମ୍ପର୍କୀୟ ନିସ୍ତୁକ ମାଡ଼ ମାରିଥିବା ଗତ ରବିବାର ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ଏତଲା କ୍ରମେ ସ୍ଥାନୀୟ ପୋଲିସ ଦେଢ଼ଶୁର, ବଡ଼ଜା, ଝିଆରୀ, ପୁତୁରାଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବିର୍ତ୍ତମାନ ସୁଦ୍ଧା ପୋଲିସ କାହାରିକୁ ଗିରଫ କରି ନଥିବା ବେଳେ ଅଭିଯୁକ୍ତମାନେ ଗାଁରୁ ଫେରାର ହୋଇଯାଇଛନ୍ତି। ନ୍ୟାୟ ଦାବିରେ ଗତ ମଙ୍ଗଳବାର ଗାୟତ୍ରୀ ଭୁବନେଶ୍ୱରରେ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, ଅଶୋକ ସ୍ୱାଇଁ ୨୦ ବର୍ଷ ତଳେ ଉକ୍ତ ଗ୍ରାମର ଗାୟତ୍ରୀଙ୍କୁ ବିବାହ କରିଥିଲେ। ଅଶୋକ ସ୍ୱାଇଁଙ୍କ ପାଞ୍ଚ ଭାଇ। ୫ ବର୍ଷ ପରିବାର ଭଲରେ ଚଳିଥିଲା। ପରେ ଜମି ଭାଗ ବଣ୍ଟାକୁ ନେଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଗ୍ରାମବାସୀ ବୁଝାଶୁଝା କରିଥିଲେ। ଗାୟତ୍ରୀଙ୍କ ସ୍ୱାମୀ କୌଣସି କାରଣରୁ ବାହାରେ ରହୁଛନ୍ତି। ଗତ ରବିବାର ପୁଣି ଜମି ଭାଗବଣ୍ଟାକୁ ନେଇ ପରିବାର ଲୋକେ ଗାୟତ୍ରୀଙ୍କୁ ମାଡ଼ ମାରିଥିଲେ।

# ଜିଲାବାସୀଙ୍କୁ ସଚେତନ କରିବ ସଞ୍ଚୟ ରଥ

ରାୟଗଡ଼ା ଅଫିସ,୩୦।୧୦




ଅତିଥିମାନେ ସଞ୍ଚୟ ରଥକୁ ଉଦ୍‌ଘାଟନ କରୁଛନ୍ତି ।

## ବିଶ୍ୱ ମିତବ୍ୟୟିତା ଦିବସ

ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ସଞ୍ଚୟ ରଥ ଜିଲାର ୧୧ ବ୍ଲକ୍‌ର ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କୁ ସଞ୍ଚୟର ଆବଶ୍ୟକତା ବିଷୟରେ ସଚେତନ କରିବ ବୋଲି ଜଣାପଡ଼ିଛି। ଅପବ୍ୟୟକୁ ରୋକିବା ନିମନ୍ତେ ସଞ୍ଚୟର ଆବଶ୍ୟକତା ରହିଛି ବୋଲି ଏହି ଅବସରରେ ଅତିରିକ୍ତ ଜିଲାପାଳ ପଣ୍ଡା କହିଛନ୍ତି। ଏଥିସହ ଚିଟ୍‌ଫଣ୍ଡରୁ ଦୂରେଇ ରହିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି। ପ୍ରଥମେ ସ୍ଥାନୀୟ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧ୍ରୁବ କୁମାର ନାୟକ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଲୋକଙ୍କୁ ୪ଶହ ମାସ୍କ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୁବ୍ରତ ପାଣିଗ୍ରାହୀ, ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଧୀରେନ୍ କୁମାର ବିହାରୀ, ଡିପିଏମ୍‌ୟୁର ସହ ନିର୍ଦ୍ଦେଶକ ଗୋଲକ ବିହାରୀ ଦଳେଇ ଉପସ୍ଥିତ ଥିଲେ।

# ମୃତଦେହ ନେବାକୁ ମିଳିଲାନି ଗାଡ଼ି, ଡାକ୍ତରଖାନାରେ ଉତ୍ତେଜନା

ଚନ୍ଦାହାଣ୍ଡି, ୩୦।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ମ୍ୟାଲେରିଆରେ ମୃତ୍ୟୁବରଣ କରିଥିବା ଜଣେ ୧୭ ବର୍ଷୀୟା ନାବାଳିକାଙ୍କ ମୃତଦେହ ନେବାକୁ ଶବବାହକ ଗାଡି ମିଳି ନ ଥିଲା। ଏଥିଯୋଗୁ ତାଙ୍କ ପରିବାର ଓ ସମ୍ପର୍କୀୟ ଲୋକେ ଡାକ୍ତରଖାନାରେ ହୋ ହାଲ୍ଲା କରିଥିଲେ। ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଗାଡି କରି ମୃତଦେହ ପଠାଇବା ବ୍ୟବସ୍ଥା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶ ଯେ, ଚନ୍ଦାହାଣ୍ଡି ଝରିଆ ସାହିର ଜୟନ୍ତୀ ସିହ୍ନା(୧୭) ମ୍ୟାଲେରିଆରେ ପୀଡିତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଖାନାରେ ଶବବାହକ ଗାଡ଼ି ନ ଥିବାରୁ ମୃତକଙ୍କ ବାପା ମନୋଜ ସିହ୍ନା ଏବଂ ତାଙ୍କ ସମ୍ପର୍କୀୟ ହଇରାଣ ହୋଇଥିଲେ। ଏ ନେଇ ସେମାନେ ଡାକ୍ତର ଖାନାରେ ପାଟିତୁଣ୍ଡ କରିଥିଲେ। ସେମାନଙ୍କୁ ଡାକ୍ତରଖାନା କର୍ମଚାରୀ ବୁଝାଶୁଝା କରିଥିଲେ। ଏ ନେଇ ମୃତକଙ୍କ ସମ୍ପର୍କୀୟମାନେ ବିଧାୟକ ପ୍ରକାଶ ଚନ୍ଦ୍ର ମାଝିଙ୍କୁ ଜଣାଇଥିଲେ। ବିଧାୟକଙ୍କ ହସ୍ତକ୍ଷେପ ପରେ ଉମରକୋଟରୁ ଶବବାହକ ଗାଡି ଆସିବା ପରେ ସେଥିରେ ମୃତଦେହକୁ ପଠାଯାଇଥିଲା। ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ସଂପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁ ଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ଶବବାହକ ଗାଡି ପାଇଁ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି। ଜିଲାପାଳ ଏହି ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।

# ବିଶାଖାପାଟଣାରେ ପଡ଼ିରହିଛି ବଣ୍ଡା ଯୁବକଙ୍କ ମୃତଦେହ

ମାଲକାନଗିରି,୩୦।୧୦ (ଡି.ଏନ୍.ଏ.)

## ଓଡ଼ିଶା ପୋଲିସ ଆସିଲେ ମୃତଦେହ ଛଡ଼ାଯିବ: ମେଡିକାଲ କର୍ତ୍ତୃପକ୍ଷ

ମାଲକାନଗିରି ଜିଲାର ଜଣେ ବଣ୍ଡା ଯୁବକଙ୍କ ମୃତଦେହ ବିଶାଖାପାଟଣା କେ.ଜି.ଏଚ୍ ମେଡିକାଲରେ ୩ଦିନ ହେଲା ପଡିରହିଛି। ଦୁର୍ଘଟଣାର ଶିକାର ହୋଇ ବିଶାଖାପାଟଣା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ତେବେ ପୋଲିସ ନ ଆସିବା ଯାଏ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ନାହିଁ ବୋଲି ପ୍ରକାଶ କରି ତିନିଦିନ ଧରି ମୃତଦେହକୁ ପକାଇ ରଖିଛନ୍ତି ମେଡିକାଲ କର୍ତ୍ତୃପକ୍ଷ।

ଖବରରୁ ଜଣାପଡିଛି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅଣ୍ଡ୍ରାହାଲ ଗ୍ରାମର ରାଜୁ ବଡନାୟକ ଅନଗେଲଠାରେ ଦୁଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଲମତାପୁଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ୨୩ରେ ବିଶାଖାପଟଣା ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ବିଶାଖାପାଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୭ତାରିଖରେ ରାଜୁଙ୍କ ମୃତ୍ୟୁ ହୋଇଥିଲା। ତେବେ ପରିବାର ବର୍ଗ ମୃତଦେହ ନେବାକୁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ମୃତଦେହ ଦେଇ ନ ଥିଲେ। ଓଡିଶାରୁ ଦୁର୍ଘଟଣା ହୋଇଥିବା ଅଞ୍ଚଳର ଥାନା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପରିବାର ଲୋକଙ୍କୁ କୁହାଯାଇଥିଲା। ତେବେ ରାଜୁଙ୍କ ପରିବାରବର୍ଗ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ତେଲୁଗୁ ଭାଷା ବୁଝିପାରୁ ନ ଥିଲେ। ଏ ସମ୍ପର୍କରେ ଜଣେ ଓଡ଼ିଆ ବ୍ୟକ୍ତି ସେମାନଙ୍କୁ ବୁଝାଇବା ପରେ ଘଟଣା ସମ୍ପର୍କରେ ସେମାନେ ଅଣ୍ଡ୍ରାହାଲ ଗ୍ରାମକୁ ଖବର ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ମାଲକାନଗିରି ପୋଲିସ ବିଶାଖାପାଟଣା ଯାଇ ନ ଥିବା ଜଣାପଡିଛି। ତୁରନ୍ତ ଜିଲା ପୋଲିସ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମୃତଦେହ ଗ୍ରାକୁ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ଦାବି ହେଉଛି।

### ୪ ଜୁଆଡ଼ି ଗିରଫ

ଗୁଣପୁର,୩୦।୧୦ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୁଲିସ ଶୁକ୍ରବାର ସହରର ୨ ଜୁଆ ଆଡ୍ଡାରେ ଚଢ଼ାଉ କରି ୪ ଜୁଆଡ଼ିଙ୍କୁ ଗିରଫ କରିଛି। ସ୍ଥାନୀୟ ପୁରୁଣା ସିନେମା ହଲ୍ ନିକଟରୁ ୨ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଗାନ୍ଧୀ ନଗର ଅଞ୍ଚଳରୁ ଅନ୍ୟ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଦିଲେଶ୍ୱର ଶବର, ସରୋଜ ରଙ୍ଗୁଲି, ସଂଗ୍ରାମ ନାଗ ଏବଂ ରାମ ବାଉରୀ। ସେମାନଙ୍କ ନିକଟରୁ ମୋଟ ୬ହଜାର ୫ଶହ ୫୦ ଟଙ୍କା ଜବତ କରାଯାଇଛି। ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

### ରାୟଗଡ଼ା ଜିଲାରୁ ୯ ପଜିଟିଭ

ରାୟଗଡ଼ା ଅଫିସ,୩୦।୧୦

ରାୟଗଡ଼ା ଜିଲାରୁ ଶୁକ୍ରବାର ୯ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ଜିଲାର ମୁନିଗୁଡ଼ା ବ୍ଲକ୍‌ରୁ ୩, ଗୁଣପୁର ସହରାଞ୍ଚଳରୁ ୨, ରାୟଗଡ଼ା ସହରାଞ୍ଚଳରୁ ୨, ବିଷମକଟକରୁ ଜଣେ ଏବଂ କଳାହାଣ୍ଡି ଜିଲାର ଜଣେ ରହିଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୦୬୯ରେ ପହଞ୍ଚିଛି। ସେଥିମଧ୍ୟରୁ ୭୯୨୩ଜଣ ସୁସ୍ଥହୋଇ ଫେରିଛନ୍ତି। ସେହିପରି ୪୦ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୧୦୬ ସକ୍ରିୟ ସଂକ୍ରମିତ ଚିକିତ୍ସିତ ଥିବା ଜଣାପଡ଼ିଛି।


**ଆବଶ୍ୟକ**

ଘର କାମ ପାଇଁ ଝିଅ ପିଲା ଦରକାର। ରହିବା, ଖାଇବା ମାଗଣା।
ଦରମା: କାମ ଦେଖି ଦିଆଯିବ।
7016330321, 6371887781

**WANTED**

RECEPTIONIST for a UNISEX BEAUTY SALOON at Paradip. Candidate having minimum one year experience. Both Male & Female can contact.
Mobile No.
9938389945, 6371325588

**WANTED**

Covid-19 ଯୋଗୁଁ Jobless ଥିବା Candidatesଙ୍କୁ ଏକ MNC ତାର Cuttack Branch ରେ ସ୍ଥାୟୀ ନିଯୁକ୍ତି ଦେଉଛି।
Qualification : +2/Above
Age : 18-30yrs
Monthly : Rs 9000/- to Rs.20000/-
Contact-7978772624

**WANTED**

ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। Salary: 9000/- to 27,000/. Qualification- 7th to 10th & above.
Contact:8144204606

**WALK-IN-INTERVIEW**

ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ।
ଯୋଗାଯୋଗ ସ୍ଥାନ - Indian Oil Petrol Pump, ତମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା



इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविधावनम्
असेसमेंट में, हम पर भरोसा रखता है भारत — In assessment, India trusts us
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ http://cgrs.ibps.in/

**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୧-୨୨ର ଖାଲିପଦବୀଗୁଡ଼ିକ ନିମନ୍ତେ ସିଆର୍‌ପି ଏସ୍‌ପିଏଲ୍-X)**

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର୍ ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୨୦/ଜାନୁୟାରୀ ୨୦୨୧ରେ ଅନୁଷ୍ଠିତ ହେବା ସମ୍ଭାବନା ଅଛି।

| କ୍ର.ସଂ. | ପଦବୀ |
|---|---|
| ୦୧ | ଆଇ.ଟି. ଅଫିସର୍ (ସ୍କେଲ୍-।) |
| ୦୨ | ଏଗ୍ରିକଲ୍‌ଚରାଲ୍ ଫିଲ୍‌ଡ ଅଫିସର୍ (ସ୍କେଲ୍ ।) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ୍ ।) |
| ୦୪ | ଲ' ଅଫିସର୍ (ସ୍କେଲ୍ ।) |
| ୦୫ | ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍ ।) |
| ୦୬ | ମାର୍କେଟିଂ ଅଫିସର୍ (ସ୍କେଲ୍ ।) |

କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୨।୧୧।୨୦୨୦-୨୩।୧୧।୨୦୨୦ |
| ଦରଖାସ୍ତ ଦେୟ/ଇଣ୍ଟିମେସନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୨।୧୧।୨୦୨୦-୨୩।୧୧।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଡିସେମ୍ବର ୨୦୨୦ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | **୨୬।୧୨।୨୦୨୦ ଓ ୨୭।୧୨।୨୦୨୦** |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରିର ପରୀକ୍ଷାଫଳ | ଜାନୁୟାରୀ ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା-ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନଲୋଡ୍ | ଜାନୁୟାରୀ ୨୦୨୧ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | **୨୪।୦୧।୨୦୨୧** |
| ଅନ୍‌ଲାଇନ୍ ମେନ୍ ପରୀକ୍ଷାର ପରୀକ୍ଷାଫଳ ଘୋଷଣା | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ସଞ୍ଚାଳନ | ଫେବୃୟାରୀ ୨୦୨୧ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୧ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ତା୦୨।୧୧।୨୦୨୦ରିଖର ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୨୮।୧୦।୨୦୨୦ — ନିର୍ଦ୍ଦେଶକ


# ବଜାର ଦର ଅନୁଯାୟୀ ଟଙ୍କା ଦିଆଯାଉ

ନବରଙ୍ଗପୁର,୩୦।୧୦(ବି.ପ୍ର.)



ସଂଘ ପକ୍ଷରୁ ବିଧାୟକ ସଦାଶିବ ପ୍ରଧାନୀଙ୍କୁ ଦାବିପତ୍ର ଦିଆଯାଉଛି।

## ବିଧାୟକଙ୍କୁ ଅଙ୍ଗନୱାଡି କର୍ମୀଙ୍କ ଦାବିପତ୍ର

ବର୍ତ୍ତମାନ ପନିପରିବା ଦର ଆକାଶ ଛୁଆଁ। ଅଣ୍ଡାର ଦାମ୍ ମଧ୍ୟ ବଢିଛି। କିନ୍ତୁ ଖାଦ୍ୟ ବଣ୍ଟନ ପାଇଁ ଅଙ୍ଗନୱାଡି କର୍ମୀଙ୍କୁ ପୂର୍ବ ଭଳି ଟଙ୍କା ଦିଆଯାଉଛି। ବଜାର ଦର ମୁତାବକ ଟଙ୍କା ଦେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଶୁକ୍ରବାର ଜିଲା ଅଙ୍ଗନୱାଡି ସଂଘ ସଦସ୍ୟମାନେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ଦେଇଛନ୍ତି।

ବର୍ତ୍ତମାନ ପନିପରିବା ଦର ଆକାଶଛୁଆଁ ହୋଇଥିବାବେଳେ ଗ୍ରାମାଞ୍ଚଳରେ ଅଣ୍ଡା ଗୋଟିଏକୁ ୭ଟଙ୍କାରେ ବିକ୍ରି କରାଯାଉଛି। ସରକାର ଏବେ ମଧ୍ୟ ଅଣ୍ଡା ପ୍ରତି ୫ଟଙ୍କା ଦେଉଛନ୍ତି। ଏଥିପାଇଁ ଅଙ୍ଗନୱାଡି କର୍ମୀ ଅଧିକ କ୍ଷତି ସହିବା ସହ ହାତରୁ ଟଙ୍କା ଦେଉଛନ୍ତି ବୋଲି ସେମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ସଂଘ ପୂର୍ବରୁ ଜିଲାପାଳଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛି। ବାଲେଶ୍ୱର ଓ ମୟୂରଭଞ୍ଜ ଭଳି ଜିଲାରେ ଅଣ୍ଡାଦର ବୃଦ୍ଧି କରାଯାଇ ଜିଲା ପ୍ରଶାସନ ପକ୍ଷରୁ ମିନେରାଲ ପାଣ୍ଠିରୁ ବର୍ଦ୍ଧି ଟଙ୍କା ଦିଆଯାଉଛି। ତେଣୁ ନବରଙ୍ଗପୁରରେ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଯାଉ ବୋଲି ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ବିଧାୟକ ପ୍ରଧାନୀ ପ୍ରତିଶ୍ରୁତି ଦେଇଛନ୍ତି। ନବରଙ୍ଗପୁରରେ ଜିଲା ଅଙ୍ଗନୱାଡି ସଂଘର ନିର୍ମାଣାଧୀନ କମ୍ୟୁନିଟି ହଲ୍ ପାଇଁ ବିଧାୟକ ପାଣ୍ଠିରୁ ସହାୟତା ଦେବାକୁ ସେ ଅନୁରୋଧ କରିଛନ୍ତି। ସହାୟତା ଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଭାରତୀୟ ମଜଦୁର ସଂଘ ସଭାପତି ବାଙ୍କ ବିହାରୀ ବିଷୋୟୀ, ସମ୍ପାଦକ ପରମେଶ୍ୱର ବିଷୋୟୀ, ଜିଲା ଅଙ୍ଗନୱାଡି ସଂଘ ସଭାନେତ୍ରୀ ଭାଗ୍ୟବତୀ ଷଡଙ୍ଗୀ, ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାଳ, କୋଷାଧ୍ୟକ୍ଷା ମମତା ବ୍ରହ୍ମା, ତେନ୍ତୁଳିଖୁଣ୍ଟି ବ୍ଲକ ସଭାନେତ୍ରୀ ହେମଲତା ନାୟକ, ନବରଙ୍ଗପୁର ବ୍ଲକ ସଭାନେତ୍ରୀ ଛବିଳ ମାଝି ଓ ଦେବକୀ ଭତରା ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଭାରତ ନିର୍ବାଚନରୁ ଅନେକ ଶିଖିଛୁ: ଜୁକରବର୍ଗ




ନୂଆଦିଲ୍ଲୀ, ୩୦।୧୦(ପିଆଇବି): ଭାରତର ନିର୍ବାଚନରୁ ଆମେ ନିର୍ବାଚନୀ ଅଖଣ୍ଡତା ସମ୍ପର୍କରେ ଶିକ୍ଷାଲାଭ କରୁଛି ବୋଲି ଫେସ୍‌ବୁକ ସିଇଓ ମାର୍କ ଜୁକରବର୍ଗ କହିଛନ୍ତି। ଫେସ୍‌ବୁକ ବିଭିନ୍ନ ଯାଞ୍ଚର ସମ୍ମୁଖୀନ ହେଉଥିବାବେଳେ ନଭେମ୍ବର ୩ରେ ହେବାକୁ ଥିବା ଆମେରିକା ନିର୍ବାଚନ ଏକ ଚ୍ୟାଲେଞ୍ଜ ହେବ ବୋଲି ମତ ଦେଇଛନ୍ତି। ୪ ବର୍ଷ ପୂର୍ବରୁ ଫେସ୍‌ବୁକ ଯାଞ୍ଚ ଟିମ୍‌କୁ ହ୍ୟାକିଂର ଭୟ ଘାରିଥିଲା। ଧୀରେ ଧୀରେ ଏହାର ତଦାରଖ କରାଯାଇ ସମସ୍ୟାକୁ ଏଡ଼ାଇ ଦିଆଯାଇପାରିଥିବା ସେ କହିଛନ୍ତି। ଭାରତ, ୟୁରୋପ ସଂଘ, ଇଣ୍ଡୋନେସିଆ ଓ ବିଶ୍ୱର ପ୍ରାୟ ୨୦୦ ନିର୍ବାଚନରେ ଅଖଣ୍ଡତାକୁ ଆମେ ବିଭିନ୍ନ ଉପାୟରେ ବଜାୟ ରଖିଛୁ। ସାମାଜିକ କର୍ମୀ ଓ ବିଶେଷଜ୍ଞଙ୍କ ମତାମତ ଗ୍ରହଣ କରାଯାଇଥିବା ସେ ମତ ଦେଇଛନ୍ତି।

# ଆରମ୍ଭ ହେଲାଣି ପୁନଃ ସଂକ୍ରମଣ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

**ରାଜ୍ୟରେ ଆଉ ୧୫୪୭ ପଜିଟିଭ୍, ୧୮୦୦ ସୁସ୍ଥ, ୧୧ ମୃତ**

ଓଡ଼ିଶାରେ କରୋନାର ପୁନଃ ସଂକ୍ରମଣ ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍ଏସ୍)ର ନିର୍ଦ୍ଦେଶକ ଅଜୟ ପରିଡ଼ା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ପୁନଃ ସଂକ୍ରମଣ ବହୁତ କମ୍ ରହିଛି। ଆଇଏଲ୍ଏସ୍‌ରେ କେତେଜଣ ବ୍ୟକ୍ତିଙ୍କର ନମୁନା ପରୀକ୍ଷଣ କରାଯିବାବେଳେ ୩/୪ ଜଣଙ୍କର ପୁନଃ ସଂକ୍ରମଣ ହୋଇଥିବା ଜଣାପଡିଛି। ଥରେ ପଜିଟିଭ ହେବାପରେ ପୁଣି କାହିଁକି ସେମାନେ ସଂକ୍ରମିତ ଭାବେ ଚିହ୍ନଟ ହେଉଛନ୍ତି ତା'ର ତର୍ଜମା ଚାଲିଛି ବୋଲି ସେ କହିଛନ୍ତି। ଏଥିସହ ଶୀତରେ କରୋନା ସଂକ୍ରମଣ ବଢ଼ିବା ସମ୍ଭାବନା ରହିଛି। ଶୀତ ସଂକ୍ରମଣ ବ୍ୟାପିବାରେ ସହାୟକ ହେଉଛି। ତେଣୁ ସଜାଗ ନ ରହିଲେ ପୁଣି ସଂକ୍ରମଣ ବଢ଼ିବ। ପୂଜାରେ ସଂକ୍ରମଣ ମଧ୍ୟ ବଢ଼ିବାର ଆଶଙ୍କା ଥିଲା। କିନ୍ତୁ ଲୋକଙ୍କ ସହଯୋଗ ଯୋଗୁ ନିୟନ୍ତ୍ରଣରେ ରହିପାରିଲା। ଠିକ୍ ଆଗକୁ ମଧ୍ୟ ଲୋକେ ଏପରି ସହଯୋଗ କଲେ ଓଡ଼ିଶାରୁ ସଂକ୍ରମଣର ସ୍ତର ଆହୁରି ହ୍ରାସ ପାଇବ ବୋଲି ପରିଡ଼ା କହିଛନ୍ତି।



ଅନ୍ୟପକ୍ଷରେ ରାଜ୍ୟରୁ ଶେଷ ୨୪ ଘଣ୍ଟାରେ ୧୫୪୭ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧ କେନ୍ଦ୍ରରୁ ୮୯୧ଜଣ ଥିବାବେଳେ ସ୍ଥାନୀୟ ସଂକ୍ରମିତ ଭାବେ ୬୫୬ ଆକ୍ରାନ୍ତ ରହିଛନ୍ତି। ତେବେ ଖୋର୍ଦ୍ଧାରୁ ସର୍ବାଧିକ ୧୫୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରୁ ୯୮, ଅନୁଗୋଳ ୯୫, ଜଗତ୍‌ସିଂହପୁର ୮୯, ମୟୂରଭଞ୍ଜ ୮୮, ବଲାଙ୍ଗୀର ଓ ବାଲେଶ୍ୱରରୁ ୭୯ ଲେଖାଏ, କେନ୍ଦୁଝର ୭୧, ଯାଜପୁର ୭୦, କେନ୍ଦ୍ରାପଡ଼ା ୬୧, ନୂଆପଡ଼ା ଓ ପୁରୀରୁ ୫୯ ଲେଖାଏ, ସୁନ୍ଦରଗଡ଼ ୫୮, ଭଦ୍ରକ ୪୩, ଢେଙ୍କାନାଳ ୪୦, ଝାରସୁଗୁଡ଼ା, କଳାହାଣ୍ଡି ଓ କୋରାପୁଟରୁ ୩୭ ଲେଖାଏ, ବରଗଡ଼ ୩୫, ନୟାଗଡ଼ ୩୪, ନବରଙ୍ଗପୁର ୩୦, କନ୍ଧମାଳ ଓ ଗଞ୍ଜାମରୁ ୨୪ ଲେଖାଏ, ସମ୍ବଲପୁର ୨୩, ସୁବର୍ଣ୍ଣପୁର ୨୨, ଦେବଗଡ଼ ଓ ମାଲକାନଗିରିରୁ ୧୭ ଲେଖାଏ, ବୌଦ୍ଧ ୧୨, ରାୟଗଡ଼ା ୯, ଗଜପତି ୮ ଓ ଷ୍ଟେଟ୍ ପୁଲ୍‌ରୁ ୩୩ଜଣ ନୂଆକରି ସଂକ୍ରମିତ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୨,୮୮,୬୪୬କୁ ବୃଦ୍ଧି ପାଇଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି।

ସେପଟେ ଆଉ ୧୧ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩ଜଣ ରହିଥିବାବେଳେ କଟକ ୨, ଅନୁଗୋଳ, ଗଞ୍ଜାମ, ଝାରସୁଗୁଡା, କନ୍ଧମାଳ, ନୂଆପଡ଼ା ଓ ରାୟଗଡ଼ାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଛି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୩୦୮କୁ ବୃଦ୍ଧିପାଇଛି। ସେହିପରି ୧୮୦୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୨୩୩ ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୨,୭୩,୮୩୮ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ନଭେମ୍ବରର ସବୁ ଶନିବାର ସରକାରୀ ଅଫିସ ଛୁଟି

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

ରାଜ୍ୟ ସରକାର ଆସନ୍ତା ମାସରେ ମଧ୍ୟ ସବୁ ଶନିବାର ସରକାରୀ ଅଫିସ ବନ୍ଦ ରହିବ ବୋଲି ଘୋଷଣା କରିଛନ୍ତି। ଏନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ଭୁବନେଶ୍ୱର ଏବଂ କଟକର ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ଏହାର ଅଧସ୍ତନ ବିଭାଗ ୫୦ ପ୍ରତିଶତ ଅଧିକାରୀଙ୍କୁ ନେଇ ଚାଲିବ। ଏଥିରେ ଗ୍ରୁପ-ଏ ଅଧିକାରୀ ମଧ୍ୟ ସାମିଲ ରହିବେ। ଏହାଦ୍ୱାରା ଯେପରି ସରକାରଙ୍କ କାର୍ଯ୍ୟରେ କୌଣସି ପ୍ରକାର ବାଧାପ୍ରାପ୍ତ ନ ହେବ ସେନେଇ ବିଶ୍ୱାସ ଦେବାକୁ କୁହାଯାଇଛି। ଅନ୍ୟପଟେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। କଟକ ଓ ଭୁବନେଶ୍ୱରର ସବୁ ସରକାରୀ ବିଭାଗ କିମ୍ବା ଏହାର କାର୍ଯ୍ୟାଳୟ ମୁଖ୍ୟ କେଉଁ ୫୦ ପ୍ରତିଶତ କର୍ମଚାରୀ କାର୍ଯ୍ୟରେ ରହିବେ ସେନେଇ ସ୍ପଷ୍ଟ କରିବେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଯଥା, ଏସ୍ଆରସି, ଓସ୍‌ଡମା, ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ ଏବଂ ମ୍ୟୁନିସିପାଲର ସବୁ କର୍ମଚାରୀ କାର୍ଯ୍ୟରେ ରହିବେ। ସବୁ ଅଫିସର କର୍ମଚାରୀ କୋଭିଡ ନିୟମକୁ ଠିକ୍‌ରେ ପାଳନ କରି କାମ କରିବେ। ଯଦି କୌଣସି କର୍ମଚାରୀଙ୍କ କୋଭିଡ ପଜିଟିଭ ଚିହ୍ନଟ ହୁଅନ୍ତି ତେବେ ସରକାରୀ ପ୍ରୋଟକଲ ଅନୁଯାୟୀ କାମ କରାଯିବ। ରୋଷ୍ଟର ଡ୍ୟୁଟିରେ ନ ଥିବା କର୍ମଚାରୀ ଘରୁ ରହି କାମ କରିବେ। ଯେଉଁମାନେ ଘରୁ ରହି କାମ କରିବେ ସେମାନେ ସବୁ ସମୟରେ ଯେକୌଣସି ଅଫିସ କାମ କରିବାକୁ ପ୍ରସ୍ତୁତ ରହିବେ ଏବଂ ସଙ୍ଗେସଙ୍ଗେ ଟେଲିଫୋନ ଉଠାଇବା ଦରକାର ବୋଲି କୁହାଯାଇଛି।

# କରୋନା ମୁକାବିଲାରେ ଭାରତର ବଡ଼ ସଫଳତା

ନୂଆଦିଲ୍ଲୀ,୩୦।୧୦(ପିଆଇବି)

**୬ ଲକ୍ଷ ତଳକୁ ଖସିଲା ସକ୍ରିୟ ମାମଲା**

**ମୋଟ ସଂକ୍ରମଣର ୭.୩୫%**

କରୋନା ମୁକାବିଲାରେ ଭାରତକୁ ବଡ଼ ସଫଳତା ମିଳିଛି। ୮୫ ଦିନରେ ପ୍ରଥମ ଥର ପାଇଁ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୬ ଲକ୍ଷ ତଳକୁ ଖସିଛି। ଶୁକ୍ରବାର ଦେଶରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୫,୯୪,୩୮୬ ଥିବା ଜଣାପଡିଛି, ଯାହାକି ମୋଟ ସଂକ୍ରମଣର ୭.୩୫ ପ୍ରତିଶତ। ଏହା ପୂର୍ବରୁ ଅଗଷ୍ଟ ୬ରେ ସକ୍ରିୟ ମାମଲା ସଂଖ୍ୟା ୫.୯୫ ଲକ୍ଷ ରହିଥିଲା।

ଭାରତରେ ଆରୋଗ୍ୟ ହାର ମଧ୍ୟ ବିଶ୍ୱରେ ସର୍ବାଧିକ ରହିଛି। ବର୍ତ୍ତମାନ ସୁଦ୍ଧା ୭୩,୭୩,୩୭୫ ଜଣ କରୋନାରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗତ ୨୪ ଘଣ୍ଟାରେ ୫୭,୩୮୬ ରୋଗୀ ସୁସ୍ଥ ହୋଇଥିବାବେଳେ ୪୮,୬୪୮ ଜଣ ସଂକ୍ରମିତ ହୋଇଛନ୍ତି। ଜାତୀୟ ଆରୋଗ୍ୟ ହାର ୯୧.୧୫ ପ୍ରତିଶତକୁ ବୃଦ୍ଧି ପାଇଛି। କେରଳରେ ଦିନକରେ ସର୍ବାଧିକ ୮ ହଜାରରୁ ଅଧିକ ସୁସ୍ଥ ହେଉଥିବାବେଳେ ଏହା ପଛକୁ ମହାରାଷ୍ଟ୍ର ଓ କର୍ନାଟକ ରହିଛନ୍ତି। ସେଠାରେ ଦୈନିକ ଆରୋଗ୍ୟ ସଂଖ୍ୟା ୭ ହଜାରରୁ ଅଧିକ ରହିଛି। ତେବେ ଉପରୋକ୍ତ ତିନି ରାଜ୍ୟରେ ନୂଆ ମାମଲା ସଂଖ୍ୟା ମଧ୍ୟ ଅଧିକ ରହିଛି। ୭୮ ପ୍ରତିଶତ ନୂଆ ମାମଲା ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସୁଥିବା ଜଣାପଡିଛି। ସେହିପରି ଗତ ୨୪ ଘଣ୍ଟାରେ କରୋନା ୫୬୩ ଜଣଙ୍କ ଜୀବନ ନେଇଛି। ସେଥିରୁ ୮୧ ପ୍ରତିଶତ ମୃତ୍ୟୁ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଘଟିଛି।

ପ୍ରତି ନିୟୁତ ଜନସଂଖ୍ୟାରେ ଦୈନିକ ୧୪୦ ଜଣଙ୍କ ପରୀକ୍ଷା କରାଇବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ପରାମର୍ଶ ଦେଇଥିଲା। ଭାରତରେ ପ୍ରତି ନିୟୁତ ଜନସଂଖ୍ୟାରେ ଦୈନିକ ହାରାହାରି ୮୪୪ ଜଣଙ୍କ ପରୀକ୍ଷା କରାଯାଉଛି।

## ଦନ୍ତା ଆକ୍ରମଣରେ ଜଣେ ମୃତ



କଣିହାଁ, ୩୦।୧୦(ଡି.ଏନ୍.ଏ.)

ଅନୁଗୋଳ ଜିଲା କଣିହାଁ ବନାଞ୍ଚଳ ରେଙ୍ଗାଳି ଫରେଷ୍ଟ ସେକ୍ସନ ବଜ୍ରକୋଟ ଗ୍ରାମରେ ଶୁକ୍ରବାର ଏକ ଦନ୍ତା ହାତୀ ଆକ୍ରମଣରେ ଜଣକ ମୃତ୍ୟୁ ଘଟିଛି। ମୃତକ ହେଲେ ବଜ୍ରକୋଟ ଗ୍ରାମ ସୁବର୍ଣ୍ଣସାହିର ମାୟାଧର ବେହେରା(୫୫)। ପୂର୍ବାହ୍ନରେ ସେ ନିକଟସ୍ଥ ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ ଦନ୍ତା ହାବୁଡରେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ମୃତ୍ୟୁ ଘଟିଥିଲା। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ବାକି ୩ ଲକ୍ଷ ୬୦ ହଜାର ଟଙ୍କା ନିୟମ ଅନୁଯାୟୀ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରେଙ୍ଗାଳି ଥାନାରେ ନଂ. ୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡକୁ ପଠାଯାଇଛି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରି କହିଛନ୍ତି, ଗୁରୁବାର ସନ୍ଧ୍ୟାରେ ୧୬ ହାତୀ ରେଙ୍ଗାଳି ଗ୍ରାମାଞ୍ଚଳକୁ ଚାଲି ଆସିଥିଲେ। ଘଉଡାଯିବା ପରେ ଗୋଟିଏ ଦନ୍ତା ବାଟବଣା ହୋଇ ବଜ୍ରକୋଟ ଅଞ୍ଚଳକୁ ପଳାଇ ଆସିଥିଲା।


## ଚଳିତ ୨୦୨୦-୨୧ ରବି ଋତୁରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରାମାଣିକ ବିହନର କ୍ୱିଣ୍ଟାଲ ପ୍ରତି ସର୍ବାଧିକ ବିକ୍ରୟ ମୂଲ୍ୟ ଓ ରିହାତିର ପରିମାଣ (ଟଙ୍କାରେ)

No.L-35

| କ୍ର.ସଂ. | ବିହନ | ଉତ୍ସ | ସର୍ବାଧିକ ଧାର୍ଯ୍ୟ ବିକ୍ରୟ ମୂଲ୍ୟ | ରିହାତି ପରିମାଣ ଡିଲରମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ପ୍ରଦାନ: ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଶି | ରିହାତି ପରିମାଣ ଡିଲରମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ପ୍ରଦାନ: ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଶି | ରିହାତି ପରେ ବିହନର ବିକ୍ରୟ ମୂଲ୍ୟ |
|---|---|---|---|---|---|---|
| ୧ | ଧାନ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୩୨୬୮ | ୧୩୬୮ | - | ୧୯୦୦ |
| ୨ | ଧାନ (୧୦ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୩୨୬୮ | ୯୮୮ | - | ୨୨୮୦ |
| ୩ | ମାଣ୍ଡିଆ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୬୦୩୭ | ୨୬୮୭ | - | ୩୩୫୦ |
| ୪ | ମାଣ୍ଡିଆ (୧୦ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୬୦୩୭ | ୧୫୦୦ | ୧୧୮୭ | ୩୩୫୦ |
| ୫ | ମାଣ୍ଡିଆ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୬୭୪୫ | ୩୦୦୦ | ୩୯୫ | ୩୩୫୦ |
| ୬ | ମାଣ୍ଡିଆ (୧୦ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୬୭୪୫ | ୧୫୦୦ | ୧୮୯୫ | ୩୩୫୦ |
| ୭ | ମକା (ସମସ୍ତ କିସମ) | ନାଫେଡ୍ | ୧୯୧୧୩ | କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର କରାଯିବ | | |
| ୮ | ମୁଗ (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୧୦୭୪୧ | ୩୪୪୧ | - | ୭୩୦୦ |
| ୯ | ମୁଗ (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୧୦୭୪୧ | ୨୫୦୦ | ୯୪୧ | ୭୩୦୦ |
| ୧୦ | ମୁଗ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୧୦୭୬୫ | ୩୪୬୫ | - | ୭୩୦୦ |
| ୧୧ | ମୁଗ (୧୦ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୧୦୭୬୫ | ୨୫୦୦ | ୯୬୫ | ୭୩୦୦ |
| ୧୨ | ବିରି (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୯୧୬ | ୨୮୧୬ | - | ୬୧୦୦ |
| ୧୩ | ବିରି (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୯୧୬ | ୨୫୦୦ | ୩୧୬ | ୬୧୦୦ |
| ୧୪ | ବିରି (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୭୪୭ | ୩୬୪୭ | - | ୬୧୦୦ |
| ୧୫ | ବିରି (୧୦ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୭୪୭ | ୨୫୦୦ | ୧୧୪୭ | ୬୧୦୦ |
| ୧୬ | ବୁଟ (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୩୪୧ | ୩୧୪୧ | - | ୫୨୦୦ |
| ୧୭ | ବୁଟ (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୩୪୧ | ୨୫୦୦ | ୬୪୧ | ୫୨୦୦ |
| ୧୮ | ବୁଟ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏଚଆଇଏଲ | ୭୮୨୮ | ୨୬୨୮ | - | ୫୨୦୦ |
| ୧୯ | ବୁଟ (୧୦ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏଚଆଇଏଲ | ୭୮୨୮ | ୨୫୦୦ | ୧୨୮ | ୫୨୦୦ |
| ୨୦ | ବିଲ ମଟର (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୩୪୧ | ୩୩୪୧ | - | ୫୦୦୦ |
| ୨୧ | ବିଲ ମଟର (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୩୪୧ | ୨୫୦୦ | ୮୪୧ | ୫୦୦୦ |
| ୨୨ | ବିଲ ମଟର (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୩୯୨ | ୪୩୯୨ | - | ୫୦୦୦ |
| ୨୩ | ବିଲ ମଟର (୧୦ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୩୯୨ | ୨୫୦୦ | ୧୮୯୨ | ୫୦୦୦ |
| ୨୪ | ଚିନାବାଦାମ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୮୫୦୪ | ୩୨୦୪ | - | ୫୩୦୦ |
| ୨୫ | ଚିନାବାଦାମ (୧୫ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୮୫୦୪ | - | ୩୨୦୪ | ୫୩୦୦ |
| ୨୬ | ଚିନାବାଦାମ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି./ ଏଚଆଇଏଲ | ୯୨୨୮ | ୩୯୨୮ | - | ୫୩୦୦ |
| ୨୭ | ଚିନାବାଦାମ (୧୫ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି./ ଏଚଆଇଏଲ | ୯୨୨୮ | - | ୩୯୨୮ | ୫୩୦୦ |
| ୨୮ | ସୋରିଷ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୭୬୮୮ | ୨୯୮୮ | - | ୪୭୦୦ |
| ୨୯ | ସୋରିଷ (୧୫ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୭୬୮୮ | - | ୨୯୮୮ | ୪୭୦୦ |
| ୩୦ | ସୋରିଷ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୦୩୦ | ୪୦୦୦ | ୩୩୦ | ୪୭୦୦ |
| ୩୧ | ସୋରିଷ (୧୫ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୦୩୦ | - | ୪୩୩୦ | ୪୭୦୦ |
| ୩୨ | ରାଶି (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୦୭୦୭ | ୩୮୦୭ | - | ୬୯୦୦ |
| ୩୩ | ରାଶି (୧୫ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୦୭୦୭ | - | ୩୮୦୭ | ୬୯୦୦ |
| ୩୪ | ଅଳସୀ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୧୦୧୫ | ୪୦୦୦ | ୨୬୫ | ୬୭୫୦ |
| ୩୫ | ଅଳସୀ (୧୫ ବର୍ଷରୁ ଊର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୧୦୧୫ | - | ୪୨୬୫ | ୬୭୫୦ |
| ୩୬ | ସୂର୍ଯ୍ୟମୁଖୀ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୨୪୩୮୩ | କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର କରାଯିବ | | |
| ୩୭ | ପେଶୀ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୭୦୬୯ | ୩୫୩୪ | - | ୩୫୩୫ |

## ଚଳିତ ୨୦୨୦-୨୧ ବର୍ଷ ରବି ଋତୁରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ପିଣ୍ଡ ବିହନର କ୍ୱିଣ୍ଟାଲ ପ୍ରତି ସର୍ବାଧିକ ବିକ୍ରୟ ମୂଲ୍ୟ (ଟଙ୍କାରେ)

| କ୍ର.ସଂ. | ବିହନ | ଧାର୍ଯ୍ୟ ବିକ୍ରୟ ମୂଲ୍ୟ | କ୍ର.ସଂ. | ବିହନ | ଧାର୍ଯ୍ୟ ବିକ୍ରୟ ମୂଲ୍ୟ |
|---|---|---|---|---|---|
| ୧ | ଧାନ (ସଅଳ) | ୩୩୮୨ | ୭ | ବିଲ ମଟର (ସମସ୍ତ କିସମ) | ୮୪୫୪ |
| ୨ | ଧାନ (ମଧ୍ୟମ) | ୩୩୨୧ | ୮ | ଚିନାବାଦାମ (ସମସ୍ତ କିସମ) | ୮୬୧୭ |
| ୩ | ମାଣ୍ଡିଆ (ସମସ୍ତ କିସମ) | ୬୧୫୦ | ୯ | ସୋରିଷ (ସମସ୍ତ କିସମ) | ୭୮୦୧ |
| ୪ | ମୁଗ (ସମସ୍ତ କିସମ) | ୧୦୮୫୩ | ୧୦ | ରାଶି (ସମସ୍ତ କିସମ) | ୧୦୮୧୯ |
| ୫ | ବିରି (ସମସ୍ତ କିସମ) | ୯୦୨୯ | ୧୧ | ଅଳସୀ (ସମସ୍ତ କିସମ) | ୧୧୧୨୮ |
| ୬ | ବୁଟ (ସମସ୍ତ କିସମ) | ୮୪୫୪ | ୧୨ | ପେଶୀ (ସମସ୍ତ କିସମ) | ୭୧୮୧ |

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା OIPR-01034/11/0014/2021


# ଛାଡ଼ପତ୍ର ମାମଲା: ୧୫ରେ ବର୍ଷା-ଅନୁଭବ ବୁଝାମଣା

ନୂଆଦିଲ୍ଲୀ,୩୦।୧୦

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ଏମ୍‌ପି ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ନଭେମ୍ବର ୧୫ରେ ପରସ୍ପରକୁ ଭେଟି ଛାଡ଼ପତ୍ର ମାମଲାର ଆପୋଷ ସମାଧାନ ଲାଗି ଆଲୋଚନା କରିବେ। ସୁପ୍ରିମକୋର୍ଟର ମଧ୍ୟସ୍ଥତା କେନ୍ଦ୍ରରେ ଏହି ବୁଝାମଣା ଅନୁଷ୍ଠିତ ହେବ। ବର୍ଷାଙ୍କ ଓକିଲଙ୍କ ସହ ଆଲୋଚନା ପରେ ୧୫ ତାରିଖରେ ବୁଝାମଣା ପାଇଁ ସ୍ଥିର ହୋଇଥିବା ଅନୁଭବଙ୍କ ଓକିଲ ଅଶ୍ୱିନୀ ଦୁବେ କହିଛନ୍ତି। ତେବେ ମଧ୍ୟସ୍ଥ କିଏ ରହିବେ ତାହା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୮ରେ ହୋଇପାରେ।

ବର୍ଷା ଓ ଅନୁଭବ ଓଡ଼ିଆ ସିନେମାର ଖ୍ୟାତନାମା ବ୍ୟକ୍ତିତ୍ୱ ହୋଇଥିବାରୁ ଆପୋଷ ଆଲୋଚନା ମାଧ୍ୟମରେ ବୈବାହିକ ବିବାଦର ସମାଧାନ ସୂତ୍ର ବାହାର କରିବା ଲାଗି ଗତ ୧୬ ତାରିଖରେ ଜଷ୍ଟିସ୍ ହୃଷିକେଶ ରାୟଙ୍କ ଖଣ୍ଡପୀଠ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁଭବ ପଟିଆଲା ହାଉସ୍ କୋର୍ଟରେ ଜୁଲାଇ ୭ରେ ଛାଡ଼ପତ୍ର ପିଟିଶନ ଦାଏର କରିଥିବାବେଳେ ଏହାକୁ କଟକର ଫାମିଲି କୋର୍ଟକୁ ସ୍ଥାନାନ୍ତର ଲାଗି ବର୍ଷା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

୨୦୧୪ ଫେବୃୟାରୀରେ ସେମାନଙ୍କ ବିବାହ ହୋଇଥିଲା। ତେବେ ବର୍ଷା କେବେ ତାଙ୍କୁ ସ୍ୱାମୀ ଭାବେ ଦେଖୁନଥିଲେ ଏବଂ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଉଥିଲେ ବୋଲି ଅନୁଭବ ତାଙ୍କ ପିଟିଶନରେ ଅଭିଯୋଗ କରିଥିଲେ। ସେହିପରି ବର୍ଷା ଅଗଷ୍ଟ ୧୦ରେ କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଅନୁଭବଙ୍କ ବିରୋଧରେ ଘରୋଇ ହିଂସା ମାମଲା ଦାଏର କରିଥିଲେ। ଅନୁଭବ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ବର୍ଷା ତାଙ୍କ ପିଟିଶନରେ ଦର୍ଶାଇଥିଲେ।

# ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା

ବୁଗୁଡ଼ା, ୩୦।୧୦(ଡି.ଏନ୍.ଏ.)

- ବୁଗୁଡ଼ା ଦଳିତ ସାହିରେ ଚାଞ୍ଚଲ୍ୟ
- ଫିଙ୍ଗି ଦେଇଥିଲେ ମୃତଦେହ

ଗଞ୍ଜାମ ଜିଲା ବୁଗୁଡ଼ା ବାଲିପିଣ୍ଡି ପୋଖରୀ ନିକଟସ୍ଥ ଦଳିତ ସାହିରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କ ତଣ୍ଟି ଚିପି ସ୍ତ୍ରୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଢେଙ୍କାନାଳ ଅଞ୍ଚଳର ସିଲୁ ମେହେର (୩୨)। ମୃତକଙ୍କ ଭାଇ ଦିଲ୍ଲୀପଙ୍କ ଅଭିଯୋଗକୁ ଭିତ୍ତିକରି ବୁଗୁଡ଼ା ପୋଲିସ ନଂ. ୩୧୮/୨୦ରେ ହତ୍ୟା ମାମଲା ରୁଜୁ କରିଛି। ଅଭିଯୁକ୍ତ ମହିଳା ଏବଂ ପ୍ରେମିକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ଅଭିଯୋଗ ଅନୁଯାୟୀ, ସିଲୁଙ୍କ ବିବାହ ୧୦ ବର୍ଷ ତଳେ ସମ୍ପୃକ୍ତ ମହିଳାଙ୍କ ସହ ହୋଇଥିଲା। ସେମାନଙ୍କ ୩ ସନ୍ତାନ ଅଛନ୍ତି। ଉଭୟଙ୍କ ଦାମ୍ପତ୍ୟ ଜୀବନ ଖୁସିରେ ଚାଲିଥିଲା। ତେବେ ୬ ମାସ ତଳେ ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବାରୁ ସିଲୁ ଫେରାର ହୋଇଯାଇଥିଲେ। ଏହି ସମୟରେ ମହିଳାଙ୍କ ସହ ଢେଙ୍କାନାଳର ଅନ୍ୟ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୪ଦିନ ତଳେ ଦୁହେଁ ଢେଙ୍କାନାଳରୁ ବୁଗୁଡ଼ା ଚାଲି ଆସିଥିଲେ। ସୂଚନା ପାଇ ସିଲୁ ଗୁରୁବାର ରାତିରେ ବୁଗୁଡ଼ାରେ ପହଞ୍ଚିଥିଲେ। ସେଠାରେ ସ୍ତ୍ରୀ ଏବଂ ତାଙ୍କ ପ୍ରେମିକଙ୍କୁ ଦେଖି ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ଏବଂ ପ୍ରେମିକ ମିଶି ଏକ ଗାମୁଛାରେ ସିଲୁଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ମୃତଦେହକୁ ବୁଗୁଡ଼ା ସହର ଉପକଣ୍ଠ ମାଳିଖୋଲା ମନ୍ଦିର ନିକଟରେ ଫୋପାଡ଼ି ଦେଇଥିଲେ। ଏହା ଦେଖି ସାହିବାସୀ ପୋଲିସକୁ ଖବର ଦେଇଥିଲେ। ଆଇଆଇସି ଚିତ୍ତରଞ୍ଜନ ବେହେରା ସଦଳବଳ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଶୁକ୍ରବାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲ ପଠାଯାଇଛି।

# ଭୁବନେଶ୍ୱରରୁ ଚୋରି କାର ବୁଗୁଡ଼ାରୁ ଉଦ୍ଧାର

ଭୁବନେଶ୍ୱର,୩୦।୧୦ (ବ୍ୟୁରୋ)

ଡୁମାଡୁମା ଅଞ୍ଚଳରୁ ଚୋରି ହୋଇଥିବା ଏକ କାରକୁ ଖଣ୍ଡଗିରି ଥାନା ପୋଲିସ ଗଞ୍ଜାମ ବୁଗୁଡା ଥାନା ଅଞ୍ଚଳରୁ ଉଦ୍ଧାର କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ବୁଗୁଡା ଥାନାଞ୍ଚଳର ପାଣ୍ଡବ ନାୟକ। ସୂଚନା ମୁତାବକ, ଡୁମଡୁମା ଫେଜ-୨ ପ୍ଲଟ୍ ନଂ.୯୩୬ରେ ରହୁଥିବା ମାନସ ରଞ୍ଜନ ବରାଡ ଘର ଆଗରେ କାର୍ ରଖନ୍ତି। ଗତ ୨୨ ତାରିଖ ସକାଳେ କାର୍‌ଟି ଚୋରି ହୋଇଯାଇଥିବା ଦେଖି ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୬୮୦/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ କାରଟି ଗଞ୍ଜାମ ବୁଗୁଡାରେ ବିକ୍ରି ପାଇଁ ଯୋଜନା ଚାଲିଥିବା ନେଇ ଖବର ମିଳିବା ପରେ ଖଣ୍ଡଗିରି ଥାନା ପୋଲିସ ଟିମ୍ ସେଠାରେ ଚଢାଉ କରିଥିଲା। ଅଭିଯୁକ୍ତ ପାଣ୍ଡବଙ୍କୁ ଭୁବନେଶ୍ୱର ଅଣାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।


**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), KALAHANDI DISTRICT**
**District Website: www.kalahandi.nic.in**

**Tender No. 3667, 3668 & 3669** **Date: 29.10.2020**

District Manager, Odisha State Civil Supplies Corporation Ltd., Kalahandi invites through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Transport Contractor for transportation of paddy from Mandi/PPCs to Mill Points |
| 2 | Availability of tender documents in the portal | From 30.10.2020 (From 11.00 A.M.) |
| 3 | Last date/time for receipt of bids in the portal | Dt.10.11.2020 (Upto 6.00 P.M.) |
| 4 | Date/time of Opening of Technical Bid | Dt.11.11.2020 at 10.30 A.M. |
| 5 | For any query please contact to the District Manager, OSCSC Ltd., Kalahandi | Phone No.: 9438200045, Email ID: **oscscltd@gmail.com** |

Tender documents & other can be seen from the e-procurement portal **www.tendersodisha.gov.in** along with district website Amendments/Corrigendum/Cancellation/retenders etc. if any shall be published only in above websites.

**District Manager, OSCSC Ltd., Kalahandi**

**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), KALAHANDI DISTRICT**
**District Website: www.kalahandi.nic.in**

**Tender No. 3670 & 3671** **Date: 29.10.2020**

District Manager, Odisha State Civil Supplies Corporation Ltd., Kalahandi invites through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Transport Contractor for transportation of CMR from Mill Points to Rice receiving Centres (RRC) and FSD Point of FCI |
| 2 | Availability of tender documents in the portal | From 30.10.2020 (From 11.00 A.M.) |
| 3 | Last date/time for receipt of bids in the portal | Dt.11.11.2020 (Upto 6.00 P.M.) |
| 4 | Date/time of Opening of Technical Bid | Dt.12.11.2020 at 03.00 P.M. |
| 5 | For any query please contact to the District Manager, OSCSC Ltd., Kalahandi | Phone No.: 9438200045, Email ID: **oscscltd@gmail.com** |

Tender documents & other can be seen from the e-procurement portal **www.tendersodisha.gov.in** along with district website Amendments/Corrigendum/Cancellation/retenders etc. if any shall be published only in above websites.

**District Manager, OSCSC Ltd., Kalahandi**

## ସଂକ୍ଷେପରେ

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ: ଜଣେ ଗିରଫ

ବୈପାରିଗୁଡ଼ା,୩୦।୧୦ (ଡି.ଏନ୍.ଏ.)- ଶୁକ୍ରବାର ବୈପାରିଗୁଡା ପୋଲିସ୍ ପାଟ୍ରୋଲିଂ କରୁଥିବା ବେଳେ ଏକ ଗଞ୍ଜେଇ ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେ ହେଲେ ଦୀପକ ଗୌଡ(୨୨) । ତାଙ୍କ ଘର କୋଟପାଡ ଥାନା ଅନ୍ତର୍ଗତ ବେତଗଡା ଗ୍ରାମରେ। ତାଙ୍କଠାରୁ ୧ କୁଇଣ୍ଟାଲ ଗଞ୍ଜେଇ ସହ ଟ୍ରକ୍ଟର, ମୋବାଇଲ୍ ଫୋନ୍ ଏବଂ ୪ ଶହ ଟଙ୍କା ଜବତ ହୋଇଛି । ମାଜିଷ୍ଟ୍ରେଟ୍ ତଥା ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା। ଏନେଇ ୧୨୬/୨୦ରେ ଏକ ମାମଲା ରୁଜୁ ହୋଇଛି। ଶନିବାର ଦୀପକଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ମହେନ୍ଦ୍ର କମାର ସାହୁ କହିଛନ୍ତି।

### ହ୍ରାସ ପାଉଛି ଆକ୍ରାନ୍ତଙ୍କ ସଂଖ୍ୟା

ମାଲକାନଗିରି,୩୦।୧୦ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ଶୁକ୍ରବାର ୧୭ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୮୧୨ରେ ପହଞ୍ଚିଛି। ତେବେ ବିଗତ ଦିନରେ ଯେଉଁ ସଂକ୍ରମିତ ଅଧିକ ସଂଖ୍ୟାରେ ଚିହ୍ନଟ ହେଉଥିଲେ ସେଥିରେ ରୋକ ଲାଗିଛି। ସଂଖ୍ୟା ବହୁ ପରିମାଣରେ କମିଛି। ଶୁକ୍ରବାର ଚିହ୍ନଟ ୧୭ଜଣଙ୍କ ମଧ୍ୟରେ ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୨ ଜଣ, ବାଲିମେଳା ଏନ୍‌ଏସିରୁ ଜଣେ, ମାଲକାନଗିରି ବ୍ଲକରୁ ୬, ପଡିଆ,କୋରୁକୋଣ୍ଡା ଓ ଚିତ୍ରକୋଣ୍ଡା ବ୍ଲକରୁ ଜଣେ ଲେଖାଏ, ଖଇରପୁଟ ବ୍ଲକରୁ ୩, କାଲିମେଳା ବ୍ଲକରୁ ୨ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ଏଯାବତ୍ ୪୫୦୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୨୯୦ ଜଣ ଚିକିତ୍ସାଧୀନ ଅଛନ୍ତି।

### ବିସ୍ଫୋରକ ପାଉଡର ଗୁଣ୍ଡ ଖାଇ ୫ ଗାଈ ମୃତ

ପଟ୍ଟାଙ୍ଗି,୩୦।୧୦(ଡି.ଏନ୍.ଏ.)- କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଅମ୍ଭାବାଲି ପଞ୍ଚାୟତର ପେଦାପାଡୁ ଗ୍ରାମର ୫ଟି ଗାଈ ବିସ୍ଫୋରକ ପାଉଡର ଖାଇ ଦେବାରୁ ମୃତ୍ୟୁ ଘଟିଛି। ୪ ପରିବାର ଜେଟି ନାରାୟଣ ରାଜୁଙ୍କ ୨ଟି,ଏଲାଙ୍ଗା ଏର୍କାନାଙ୍କ ଗୋଟିଏ, ଖରା ଚିନାୟାଙ୍କ ଗୋଟିଏ ଏବଂ ଆର.ଟିପି ରଜନୀଙ୍କ ଗୋଟିଏ ଗାଈ ମାଇନ୍ସ ନିକଟରେ ଚରୁଥିବା ବେଳେ ଏହି ସ୍ଥାନରେ ପଡିଥିବା ଅଟା ପରି ପାଉଡର ଗୁଣ୍ଡ ଖାଇଦେଇଥିଲେ।ଫଳରେ ଗ୍ରାମକୁ ଫେରୁଥିବା ସମୟରେ ବାଟରେ ୫ଟି ଯାକ ଗାଈଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ନିକଟରେ ଲିଖିତ ଅଭିଯୋଗ ପରେ ଥାନା ଅଧିକାରୀ ବିଜୟରାଜ ମାଝି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ସୁଙ୍କି ପ୍ରାଣୀ ଚିକିତ୍ସାଳୟର ଡାକ୍ତର ବୃନ୍ଦାବତୀ ମାଝିଙ୍କ ନେତୃତ୍ୱରେ ଏକ ତିନିଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗାଈଗୁଡିକର ବ୍ୟବଚ୍ଛେଦ କରିଥିଲେ।

# ଦଳରେ ଭର୍ତ୍ତି ଐତିହାସିକ ଜଗନ୍ନାଥ ସାଗର

**ଜୟପୁର, ୩୦।୧୦(ନି.ପ୍ର.)**



ଦଳପୂର୍ଣ୍ଣ ଜଗନ୍ନାଥ ପୋଖରୀ।

- ଦିନକ ପରେ କାର୍ତ୍ତିକ, ଚିନ୍ତାରେ ବ୍ରତଧାରୀ
- ମହାରାଜା ଦ୍ୱିତୀୟ ରାମଚନ୍ଦ୍ରଦେବ ଖୋଳାଇଥିଲେ
- ୩ଶହ ଏକରରୁ ଏବେ ଶହେ ଏକରରେ ପହଞ୍ଚିଲାଣି

ଦିନକ ପରେ ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହେବ। କାର୍ତ୍ତିକ ବ୍ରତଧାରୀମାନେ ଜୟପୁରର ଐତିହାସିକ ଜଗନ୍ନାଥ ସାଗରରେ ମାସ ସାରା ବୁଡ ପକାଇଥାନ୍ତି। ପରେ ସେମାନେ ପୂଜାର୍ଚ୍ଚନା ସହ ବିଭିନ୍ନ ମନ୍ଦିରରେ ଠାକୁରଙ୍କ ଦର୍ଶନ କରିଥାନ୍ତି। ମାତ୍ର ଚଳିତବର୍ଷ କରୋନା କଟକଣା ଯୋଗୁ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ବନ୍ଦ ଥିବାରୁ କାର୍ତ୍ତିକ ବ୍ରତଧାରୀମାନେ ଜଗନ୍ନାଥ ସାଗରରେ ବୁଡ଼ ପକାଇ ନିଜନିଜ ଘରେ ପୂଜା କରିବେ। ମାତ୍ର ଜଗନ୍ନାଥ ସାଗର ଏବେ ଦଳରେ ଭର୍ତ୍ତି ହୋଇ ରହିଛି। ଫଳରେ ଏଠାରେ ବ୍ରତଧାରୀମାନେ କିପରି ଗାଧୋଇ କାର୍ତ୍ତିକ ପୂଜା କରିବେ ସେନେଇ ସେମାନେ ଚିନ୍ତାରେ ଅଛନ୍ତି। ପ୍ରଶାସନ ଏ ଦିଗରେ ଆଗୁଆ ପଦକ୍ଷେପ ନେଇ ନ ଥିବାରୁ ବ୍ରତଧାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଆଗକୁ ବିହାରୀ ସମ୍ପ୍ରଦାୟର ଛଟ୍ ପୂଜା, ବୋଇତ ବନ୍ଦାଣ ଉତ୍ସବ ଏଠାରେ କିପରି ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

ଶୀତଦିନେ ଏହି ସାଗରର ନୀଳ ଜଳରାଶି ବେଶ୍ ସୌନ୍ଦର୍ଯ୍ୟମୟ ହୋଇଥାଏ। ନାକଟିଡଙ୍ଗର ତଥା ଗଡପଦର ପାହାଡର ପ୍ରତିଛବି ଏହି ଜଗନ୍ନାଥ ସାଗରରେ ପ୍ରତୀୟମାନ ହୋଇଥାଏ। ଇଷ୍ଟ ଇଣ୍ଡିଆ କମ୍ପାନୀ ଏହି ସାଗରକୁ ୧୭୧୯ ଖ୍ରୀଷ୍ଟାବ୍ଦରେ ଏକ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେଇଥିଲା। କଶ୍ମୀରର ପ୍ରସିଦ୍ଧ ଡାଲ୍ ହ୍ରଦର ପାର୍ଶ୍ୱ ଦେଶରେ ଯେପରି ପାହାଡ ଦୃଷ୍ଟିଗୋଚର ହୋଇ ଅତ୍ୟନ୍ତ ମନୋମୁଗ୍ଧକର ହୋଇଥାଏ, ଜୟପୁରର ଜଗନ୍ନାଥ ସାଗର ତାହାର ଏକ ପ୍ରତିରୂପ ଭାବେ ପରିଚିତ ଥିଲା। ଐତିହାସିକଙ୍କ ମତରେ ୧୭୧୬ରେ ଜୟପୁର ରାଜବଂଶର ତତ୍କାଳୀନ ମହାରାଜା ଦ୍ୱିତୀୟ ରାମଚନ୍ଦ୍ରଦେବ ଏହି ସାଗରକୁ ୩ ଶହ ଏକର ଜମିରେ ଖନନ କରାଇଥିଲେ। ସେତେବେଳେ ଏହି ସାଗରର ପରିସୀମା ୧ ମାଇଲ ଲମ୍ବ ତଥା ଅଧମାଇଲ ଓସାର ଥିଲା। ସାଗରର ଚତୁଃପାର୍ଶ୍ୱ ଏବେ ଜବରଦଖଲ କରାଯାଇଛି। ପାର୍କ ନିର୍ମାଣ ଏବଂ ଉନ୍ନତୀକରଣ ନାମରେ ମାଟି ପକାଯାଇ ବହୁ ସ୍ଥାନ ଜବରଦଖଲ କରାଗଲାଣି। ୩ଶହ ଏକରରୁ ଏହା ବର୍ତ୍ତମାନ ୧୦୦ ଏକରରେ ପହଞ୍ଚିଲାଣି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ୩ରୁ ବିଦ୍ୟୁତ୍ ଖୁଣ୍ଟ, ଏଲ୍‌ଇଡି ଲାଇଟ ବ୍ୟବସ୍ଥାର ସର୍ଭେ

**ଜୟପୁର, ୩୦।୧୦ (ଡି.ଏନ.ଏ)**

ଆସନ୍ତା ୩ରୁ ଏକ ସପ୍ତାହ ପର୍ଯ୍ୟନ୍ତ ପୌରସଂସ୍ଥା ପକ୍ଷରୁ ଜୟପୁର ସହରରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ଲାଇଟ୍‌ଗୁଡିକର ସର୍ଭେ କରାଯିବ। ସାଉଥକୋର ଲାଇଟ ସଂଯୋଗ, ପରିଚାଳନା ଠିକାସଂସ୍ଥାର କର୍ମଚାରୀଙ୍କ ଉପସ୍ଥିତିରେ ଏହି ସର୍ଭେ ହେବ ବୋଲି ଶୁକ୍ରବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି। ଜାନୁୟାରୀରୁ ଏଲ୍‌ଇଡି ଲାଇଟଗୁଡିକ ସହରର ବିଦ୍ୟୁତ୍ ଖୁଣ୍ଟରେ ସଂଯୋଗ କରାଯାଇଥିଲେ ସୁଦ୍ଧା ସାଉଥକୋ ପକ୍ଷରୁ ପ୍ରସ୍ତୁତ ବିଦ୍ୟୁତ୍ ବିଲ୍ ଅଧିକ ଆସୁଛି। ୨୦୧୯ରେ ସହରରେ ଏଲ୍‌ଇଡି ଲାଇଟ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ପରେ ୨ଟି ଠିକାସଂସ୍ଥା ଏଲ୍‌ଇଡି ଲାଇଟ ସଂଯୋଗ ନେଇ ଦାୟିତ୍ୱ ନେଇଥିଲେ। ଏହି ଲାଇଟ ସଂଯୋଗ ହୋଇଥିଲେ ସୁଦ୍ଧା ମାସିକ ବିଦ୍ୟୁତ ଦେୟ ଅଧିକ ଆସୁଥିବା ଅଭିଯୋଗ ହୋଇଥିଲା। ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହାର ଯାଞ୍ଚ ପାଇଁ ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଆସନ୍ତା ୩ରୁ ପୌରସଂସ୍ଥା, ସାଉଥକୋ ଏବଂ ଇଏସ୍‌ଏସ୍‌ଏଲ୍ ଠିକାସଂସ୍ଥାର କର୍ମଚାରୀମାନେ ସହରର ସମସ୍ତ ବିଦ୍ୟୁତ୍ ଖୁଣ୍ଟ ଏବଂ ଲାଇଟଗୁଡିକ ଯାଞ୍ଚ କରି ରିପୋର୍ଟ ଦେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ସାଉଥକୋ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବସନ୍ତ ମହାପାତ୍ର, ସହକାରୀ ଯନ୍ତ୍ରୀ ହିମାଂଶୁ ପ୍ରଧାନ, ପୌରଯନ୍ତ୍ରୀ ପ୍ରଭାକର ଦାଶ, କର୍ମଚାରୀ ଗୋପାଳ ସାହୁ, ଇଏସ୍‌ଏସ୍‌ଏଲ୍‌ର ଅଜୟ କୁମାର, ଗ୍ରୀନ୍‌ଫିଲ୍ଡର କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସହରରେ ୮ହଜାର ବିଦ୍ୟୁତ୍‌ଖୁଣ୍ଟ ଏବଂ ୨୬୪୦ଟି ଖୁଣ୍ଟରେ ଲାଇଟ ସଂଯୋଗ ଥିଲା। ଇଏସ୍‌ଏସ୍‌ଏଲ୍ ଏବଂ ଗ୍ରୀନ୍‌ଫିଲ୍ଡ ଘୋରଇ ସଂସ୍ଥାକୁ ପୁରାତନ ଲାଇଟ ବାହାର କରି ଏଲଇଡି ଲାଇଟ ସଂଯୋଗ କରିବାକୁ କୁହାଯାଇଥିଲା। ୨୦୧୮ରୁ ଇଏସଏସଏଲ ସହରରେ ବିଦ୍ୟୁତ ଲାଇଟ ସଂଯୋଗ ପ୍ରକ୍ରିୟା ଆରମ୍ଭ କରି ବର୍ତ୍ତମାନ ସୁଦ୍ଧା ସହରରେ ୪୮୪୫ଟି ଏଲଇଡି ଲାଇଟ ସଂଯୋଗ କରିଛି। ଏବାବଦକୁ ଠିକାସଂସ୍ଥା ୧୪ଲକ୍ଷ ଟଙ୍କା ବିଲ ପୌରସଂସ୍ଥା ନିକଟରେ ଦାଖଲ କରିଛି। ତେବେ ପୌରସଂସ୍ଥା ପକ୍ଷରୁ ଉକ୍ତ ସଂସ୍ଥାକୁ ୬୧୩୯ଟି ଲାଇଟ ସଂଯୋଗ ପାଇଁ ନିର୍ଦ୍ଦେଶ ରହିଛି। ଅନ୍ୟ ପକ୍ଷରେ ଗ୍ରୀନ୍‌ଫିଲ୍ଡ ଠିକାସଂସ୍ଥା ପକ୍ଷରୁ ଲିଙ୍ଗରାଜ ନଗରରେ ୧୯, ବାଇପାସ୍ ରୋଡ୍ ଡିଭାଡର ଖୁଣ୍ଟରେ ୧୧୪ ଏବଂ ପାୱାର ହାଉସ ଛକକୁ ସଂଯୋଗ କରୁଥିବା କେନାଲ ବାଇପାସ ରୋଡରେ ୪୬ ଏପରି ୧୭୯ଟି ଏଲଇଡି ଲାଇଟ ଲଗାଯାଇଛି।

# ନିଜ ଡ୍ରାଇଭର, ରାତି ଜଗୁଆଳ କରିଥିଲେ ଷଡ଼ଯନ୍ତ୍ର

**ବୋରିଗୁମ୍ମା,୩୦।୧୦ (ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

- କାଜୁ ମିଲ୍ ମାଲିକଙ୍କୁ ଲୁଟ ଘଟଣାର ପର୍ଦ୍ଦାଫାଶ
- ଦୋରାଗୁଡା-ଡଙ୍ଗରା ଅଞ୍ଚଳରେ ହୋଇଥିଲା ଲୁଟ୍
- ଗିରଫ ହୋଇ ୩ କୋର୍ଟଚାଲାଣ

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଞ୍ଚଳରେ ଜଣେ କାଜୁ ମିଲ୍ ମାଲିକଙ୍କୁ ରାସ୍ତାରେ ଅଟକାଇ ଟଙ୍କା ଲୁଟ ଘଟଣାର ପର୍ଦ୍ଦାଫାଶ ହୋଇଛି। କାଜୁ ମିଲରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଯୁବକ, ରାତି ଜଗୁଆଳଙ୍କ ସହ ୩ ଜଣଙ୍କୁ ଗିରଫ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ହରେକୃଷ୍ଣ ମାଝି କହିଛନ୍ତି। ଗିରଫ ୩ ଅଭିଯୁକ୍ତ ହେଲେ ସନ୍ତୋଷପୁରର ସାଜିମ ଗଣ୍ଡା, ଗୁଜୁନିଗୁଡାର କୁମୁ ମୁଦୁଲି ଓ ଟେଙ୍କର ଗ୍ରାମର ଜଗବନ୍ଧୁ ହରିଜନ। ଖବରରୁ ଜଣାପଡିଛି ଚଳିତମାସ ୨୦ରେ ଶ୍ରୀଲଳିତା ଅମ୍ବିକା କାଜୁ ମିଲ ମାଲିକ ଭି.ଭେଙ୍କଟଶ ଶ୍ରମିକମାନଙ୍କ ମଜୁରି ବାବଦ ପ୍ରାପ୍ୟ ୨.୫ଲକ୍ଷ ଟଙ୍କା ଧରି ଜୟପୁରରୁ ଏକ ସ୍କୁଟି ଯୋଗେ ବାହାରି କାଜୁ ମିଲ ଥିବା ଗୁଜୁନିଗୁଡାକୁ ଯାଉଥିଲେ। ଦୋରାଗୁଡା ଓ ଡଙ୍ଗରା ଗ୍ରାମ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ନୀଳଗିରି ଜଙ୍ଗଲରେ କେତେକ ଦୁର୍ବୃତ୍ତ ଭେଙ୍କଟଶଙ୍କୁ ଅଟକାଇ ଖଣ୍ଡା ଦେଖାଇ ୨ ଲକ୍ଷ ୫୦ ହଜାର ଟଙ୍କା, ସେ ପିନ୍ଧିଥିବା ସୁନାଚେନକୁ ଲୁଟି ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ସେ ଥାନାକୁ ଆସି ଆଇଆଇସି ସଞ୍ଜୟ କୁମାର ମଣ୍ଡଳଙ୍କୁ ଜଣାଇ ସହ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ୩୦ ହଜାର ୩ଶହ ଟଙ୍କା, ୩ଟି ମୋବାଇଲ ଓ ଗୋଟିଏ ବାଇକ ଜବତ କରାଯାଇଛି। କୁମୁ ମୁଦୁଲି କାଜୁ ମିଲରେ ଡ୍ରାଇଭର ଭାବେ କାମ କରୁଥିବା ବେଳେ ଜଗବନ୍ଧୁ ରାତି ଜଗୁଆଳ ଭାବରେ କାମ କରୁଥିଲେ। ଏନେଇ ୧୪୪/୨୦ରେ ଏକ ମାମଲା ରୁଜୁ ହୋଇଛି। ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଏସଡିପିଓ ମାଝି କହିଛନ୍ତି।

### କୋରାପୁଟ ଝିଅ ଓୟୁଏଟି ଏମ୍‌ଏସ୍‌ସିରେ ଗୋଲ୍ଡ ମେଡାଲିଷ୍ଟ

**କୋରାପୁଟ,୩୦।୧୦(ସ୍ୱ.ପ୍ର)**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧିନ ବେସିକ ସାଇନ୍ସ କଲେଜର ସ୍ନାତକୋତର (ପିଜି) ଏମ୍‌ଏସ୍‌ସି ପ୍ରାଣୀ ବିଜ୍ଞାନରେ କୋରାପୁଟ ଝିଅ ସୌରରଞ୍ଜିତା ମାଝି ସ୍ୱର୍ଣ୍ଣ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ସୌର ରଞ୍ଜିତାଙ୍କ ଘର କୋରାପୁଟରେ ହୋଇଥିବାବେଳେ ତାଙ୍କ ବାପା ସୁରେଶ କୁମାର ମାଝି ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗରେ କାର୍ଯ୍ୟରତ। ଓୟୁଏଟି ଏମ୍‌ଏସ୍‌ସି ପଦାର୍ଥ ବିଜ୍ଞାନରେ ଜିତେଶ ପାଣି, ରସାୟନ ବିଜ୍ଞାନରେ ଅନିନ୍ଦ୍ୟା ମହାନ୍ତି, ଗଣିତରେ ସନ୍ତୋଷୀ ସାହୁ, ଉଦ୍ଭିଦ ବିଜ୍ଞାନରେ ଅଙ୍କିତା ନାୟକ, ମାଇକ୍ରୋ ବାୟୋଲୋଜିରେ ହରେକୃଷ୍ଣ ପାତ୍ର, ବାୟୋ ଟେକ୍ନୋଲୋଜିରେ ସଂଘମିତ୍ରା ପରବିନ ସ୍ୱର୍ଣ୍ଣ ପଦକ ପାଇଥିବା କଲେଜ ନିର୍ଦ୍ଦେଶକ ପ୍ରଫେସର ବିକାଶ ପଣ୍ଡା ସୂଚନା ଦେଇଛନ୍ତି।

### କୋରାପୁଟରୁ ୩୭ ସଂକ୍ରମିତ

**କୋରାପୁଟ,୩୦।୧୦(ସ୍ୱ.ପ୍ର)**

କୋରାପୁଟ ଜିଲାରେ ଶୁକ୍ରବାର ୩୭ ଜଣ କରୋନାସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭୩୦୩କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୬ ହଜାର ୯୨୫ ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ଚିହ୍ନଟ ୩୭ ଜଣଙ୍କ ମଧ୍ୟରେ କ୍ୱାରାଣ୍ଟାଇନ କେନ୍ଦ୍ରରୁ ୩, ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୨୦ ଓ ୧୪ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଶୁକ୍ରବାର ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ଜୟପୁର, କୋରାପୁଟ ମ୍ୟୁନିସପାଲଟିରୁ ୭ଜଣ ଲେଖାଏ, ସୁନାବେଡା ମ୍ୟୁନିସପାଲଟିରୁ ୬ ଓ କୋଟପାଡ ଏନ୍‌ଏସିରୁ ୨ ଜଣ ଆକ୍ରାନ୍ତ ରହିଛନ୍ତି। ସେହିଭଳି ବୋରିଗୁମ୍ମା ବ୍ଲକରୁ ୩, କୋରାପୁଟ ଓ କୁନ୍ଦୁରା ବ୍ଲକରୁ ୨ଜଣ ଲେଖାଏ, ଜୟପୁର ବ୍ଲକରୁ ୬, ଦଶମନ୍ତପୁର ଓ କୋଟପାଡ ବ୍ଲକ ଅଞ୍ଚଳରୁ ୧ଜଣ ଲେଖାଏ ସଂକ୍ରମିତ ରହିଥିବା ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି।

# ନାଲ୍‌କୋରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



କର୍ମଚାରୀମାନେ ଶପଥ ପାଠ କରୁଛନ୍ତି ।

**ଦାମନଯୋଡ଼ି, ୩୦।୧୦(ଡି.ଏନ.ଏ.)**

ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କୋଭିଡ୍ ନିୟମ ଅନୁସାରେ ପାଳିତ ହେଉଛି। ପ୍ରଶାସନିକ ଭବନ, ପ୍ଲାଣ୍ଟ କାର୍ଯ୍ୟାଳୟ ଓ ମାଇନ୍ସର ପଞ୍ଚପଟମାଳି ଭବନଠାରେ ଏହା ପାଳିତ ହୋଇ କର୍ମଚାରୀମାନେ ଏକ ସମୟରେ ଶପଥପାଠ କରିଥିଲେ। କେନ୍ଦ୍ରୀୟ ଶିଳ୍ପ ନିରାପତ୍ତାବାହିନୀର କର୍ମଚାରୀମାନେ ମଧ୍ୟ ଶପଥ ଗ୍ରହଣ କରିଥିଲେ। ପ୍ରଶାସନିକ ଭବନରେ ଇଡି ରବିଶଙ୍କର ଦାସ, ପ୍ଲାଣ୍ଟ କାର୍ଯ୍ୟାଳୟରେ ଇଡି ଭୀମସେନ ପ୍ରଧାନ ଓ ମାଇନ୍ସ କାର୍ଯ୍ୟାଳୟରେ ଇଡି ଅରୁଣ କୁମାର ଦାସ ଶପଥପାଠ କରାଇଥିଲେ। ସପ୍ତାହବ୍ୟାପୀ ହେଉଥିବା ଏହି କାର୍ଯ୍ୟକ୍ରମ ଅବସରରେ କର୍ମଚାରୀ, ଗୃହିଣୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ପୋଷ୍ଟର ଓ ସ୍ଲୋଗାନ ପ୍ରତିଯୋଗିତା ହେବ। ୨ରେ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

### ଥାନାରେ ଅଟକ ପରେ ଛାଡ ପାଇଲେ ୭ଜୁଆଡି

**ଜୟପୁର/ଫାମ୍ପୁଣି,୩୦।୧୦(ଡି.ଏନ.ଏ )**

କୋରାପୁଟ ଜିଲା ଜୟପୁର ସଦରଥାନା ପୋଲିସ ପକ୍ଷରୁ ଫାମ୍ପୁଣି ଗ୍ରାମ ବସଷ୍ଟାଣ୍ଡ ଛକ ତ୍ରିନାଥ ମନ୍ଦିର ପାର୍ଶ୍ୱରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଗୁରୁବାର ରାତିରେ ଚଢାଉ କରାଯାଇ ୭ଜଣ ଜୁଆଡିଙ୍କୁ ଥାନାକୁ ଆଣି ଅଟକ ରଖାଯାଇଥିଲା। ଶୁକ୍ରବାର ୪୧ ସିଆରପିସିରେ ସେମାନଙ୍କୁ ଛଡାଯାଇଛି । ଘଟଣା ସ୍ଥଳରୁ କେତେକ ଜୁଆଡି ଫେରାର ହୋଇଯାଇଥିଲେ। ଅଟକ ଥାଇ ଛାଡ ପାଇଥିବା ଜୁଆଡିମାନେ ହେଲେ ସ୍ଥାନୀୟ ଗ୍ରାମର ସୁଦର୍ଶନ ନାୟକ), ବ୍ରହ୍ମା ପ୍ରଧାନ,ଅନିଲ ବେହେରା, ଜୁରିଆ ପ୍ରଧାନ, ଗଣେଶ ବେହେରା ଓ ସୁନିଲ ବେହେରା। ସେମାନଙ୍କ ନିକଟରୁ ୫୬୦୯ ଟଙ୍କା ଏବଂ ଜୁଆ ଖେଳରେ ବ୍ୟବହୃତ ପାଲି ଓ ଖୁଡଖୁଡି ଜବତ କରାଯାଇଥିବା ଥାନା ଅଧିକାରୀ ଆଦିତ୍ୟ ମହାକୁର କହିଛନ୍ତି।

# ମହମ୍ମଦଙ୍କ ଜୟନ୍ତୀ ଇଦ୍-ମିଲାଦୁନ୍-ନବୀରେ ନିରାଡ଼ମ୍ବର ଶୋଭାଯାତ୍ରା

**ଜୟପୁର,୩୦।୧୦(ଡି.ଏନ୍.ଏ.)**

କୋରାପୁଟ ଜିଲା ଜୟପୁର ସହରରେ ସୁନ୍ନି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଶୁକ୍ରବାର ଇସ୍‌ଲାମ ଧର୍ମର ପ୍ରତିଷ୍ଠାତା ମହାପୁରୁଷ ମହମ୍ମଦଙ୍କ ୧୪୫୯ତମ ଜନ୍ମଦିବସ ଇଦ୍-ମିଲାଦୁନ୍-ନବୀ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଛି। କାରୋନା କଟକଣା ଯୋଗୁ ପୂର୍ବାହ୍ନ ୬ଟାରେ ନିରାଡମ୍ବର ଭାବେ ଶୋଭାଯାତ୍ରା ହୋଇଥିଲା। ମୁସଲମାନ ସମ୍ପ୍ରଦାୟର ପୁରୁଷମାନେ ଏଥିରେ ସାମିଲ ହୋଇଥିଲେ। ସ୍ଥାନୀୟ ଡେରାସାହିସ୍ଥିତ ଜାମା ମସ୍‌ଜିଦଠାରୁ ଶୋଭାଯାତ୍ରା ତାଜିଆ ବାହାରି ହାଇଦ୍ରାବାଦ ଲେନ୍, ବାଘ ଭଣ୍ଡାରସାହି, କେବିଏସ୍‌ଡି ରୋଡ୍ ପରିକ୍ରମା କରିଥିଲା। ଚଳିତବର୍ଷ ସରିଫ ହଜରତ ଚମନ ସାହା ୱାଲି ବାବାଙ୍କ ଦରଘା ବଦଳରେ ସ୍ଥାନୀୟ ଜାମା ମସ୍‌ଜିଦରେ ପ୍ରାର୍ଥନା ହେବା ସହ ମୁସଲମାନମାନଙ୍କ ଧର୍ମଗୁରୁ ଏବଂ ମୌଲବୀମାନେ ପ୍ରବଚନ ଦେଇଥିଲେ। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା କାର୍ଯ୍ୟକ୍ରମରେ ସୁନ୍ନି ଅଞ୍ଜୁମନ କମିଟିର ସଭାପତି ମହମ୍ମଦ ହନିଫ ରିଜ୍‌ଭି, ସମ୍ପାଦକ ସୟଦ ସିରାଜ, ଉପସଭାପତି ମହମ୍ମଦ ଇଶାକ ରିଜ୍‌ଭି ଓ ହାଜି ସବିର ଖାନ, ସହସମ୍ପାଦକ ମହମ୍ମଦ ଆଶିଫ, କୋଷାଧ୍ୟକ୍ଷ ସେକ ରଫିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପରିବାରର ୪ଜଣଙ୍କ କମୁଛି ଦୃଷ୍ଟିଶକ୍ତି

**ପଡିଆ,୩୦।୧୦(ଡି.ଏନ.ଏ)**

ଅର୍ଥାଭାବ ଯୋଗୁ ଚିକିତ୍ସା ହୋଇ ନ ପାରି ଗୋଟିଏ ପରିବାରର ୪ଜଣଙ୍କ ଦୃଷ୍ଟିଶକ୍ତି କମିବାରେ ଲାଗିଛି। ଫଳରେ ଏହି ୪ଜଣ ଆଗାମୀ ଦିନରେ ସେମାନଙ୍କ ଦୃଷ୍ଟି ଶକ୍ତି ହରାଇବା ଆଶଙ୍କା ସୃଷ୍ଟି ହୋଇଛି। ମାଲକାନଗିରି ଜିଲା ପଡିଆ ବ୍ଲକ କାଲଧାପାଲି ପଞ୍ଚାୟତର କଲାଗୁଣ୍ଡା ଗ୍ରାମରେ ଗୋଟିଏ ପରିବାରରେ ଏପରି ଦେଖିବାକୁ ମିଳିଛି। ସ୍ତ୍ରୀ ମୁକେ କବାସି(୬୦)ଦୁଇ ପୁଅ ଜଗା କବାସି (୨୨) ଓ ଲାଛା କବାସି (୨୦) ଓ ଝିଅ ବଦାରି କବାସି (୨୮)ଙ୍କୁ ନେଇ ଗଙ୍ଗା କବାସିଙ୍କ ପରିବାର। ଗଙ୍ଗାଙ୍କୁ ଛାଡି ପରିବାରରେ ସମସ୍ତଙ୍କ ଦୃଷ୍ଟିଶକ୍ତି ଧୀରେଧୀରେ କମିବାରେ ଲାଗିଛି। ଏପରି କାହିଁକି ହେଉଛି ତାହା କିଛି ବୁଝାପଡୁନାହିଁ। ଚାଷକରି, ମଜୁରି ଲାଗି ପରିବାର ଚଳାଉଥିବା ଗଙ୍ଗାଙ୍କ ପାଇଁ ସ୍ତ୍ରୀ, ଝିଅପୁଅଙ୍କ ଚିକିତ୍ସା ନେଇ ପାଖରେ ଅର୍ଥ ନାହିଁ। ଜଣେ ନୁହେଁ ୪ଜଣଙ୍କ ଚିକିତ୍ସା ପାଇଁ କେଉଁଠୁ ଅର୍ଥ ଆଣିବେ ସେହି ଚିନ୍ତାରେ ରହିଛନ୍ତି ଗଙ୍ଗା। ତାଙ୍କୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ମିଳିଲେ ତାଙ୍କ ପରିବାର ଏକ ବଡ ସଙ୍କଟରୁ ରକ୍ଷା ପାଇଯିବ ବୋଲି ସେ କହିଛନ୍ତି। ଏ ଦିଗରେ ପ୍ରଶାସନ ସହାୟତା କରିବାକୁ ଗ୍ରାମବାସୀ ଦବି କରିଛନ୍ତି।



ଗଙ୍ଗାଙ୍କ ପରିବାର।

# ମିତବ୍ୟୟିତା ଦିବସ ନେଇ ବୁଲିବ ସଚେତନତା ରଥ

**ମାଲକାନଗିରି/କୋରାପୁଟ, ୩୦।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)**

ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବାଲମୁକୁନ୍ଦ ଭୂୟାଁ ନିରାପଦ ସଞ୍ଚୟ ସୁରକ୍ଷିତ, ଭବିଷ୍ୟତ ନେଇ ଏକ ସଚେତନତା ରଥ ଉଦ୍‌ଘାଟନ କରିଛନ୍ତି। ଅଣ ସ୍ୱୀକୃତିପ୍ରାପ୍ତ, ଅଣ ଅଧିକୃତ ଓ ଅଣ ପଞ୍ଜିକୃତ ସଂସ୍ଥା ମାଧ୍ୟମରେ ସଞ୍ଚୟ ବିପଦପୂର୍ଣ୍ଣ, ଆକସ୍ମିକ ଓ ଆକର୍ଷଣ ଅର୍ଥରାଶି ପ୍ରଦାନ ପାଇଁ ଏସ୍‌ଏମ୍‌ଏସ୍, ଇମେଲ, ଫେସବୁକ୍ କମ୍ବା ହ୍ୱାଟସଅପ ମାଧ୍ୟମରେ ଆସୁଥିବା ବାର୍ତ୍ତା ଉପରେ ବିଶ୍ୱାସ କରି ଅର୍ଥ ନିବେଶ ନ କରିବା, ଜମା କିମ୍ବା ଋଣ ନେଣଦେଣ ପାଇଁ ଅଗ୍ରିମ ଅର୍ଥ ପୈଠ ନ କରିବା, ସୁଦ୍ଧ ହାରରେ ଋଣ ପ୍ରଦାନ ପ୍ରତିଶ୍ରୁତିରେ ପ୍ରଲୋଭିତ ନ ହୋଇ ମିତବ୍ୟୟି ହେବାକୁ ଏହି ସଚେତନତା ରଥ ଲୋକଙ୍କୁ ସଚେତନ କରିବ ବୋଲି ଭୂୟାଁ କହିଥିଲେ। ବିଶେଷ କରି ଫୋନ୍ କଲ୍, ହ୍ୱାଟସପ୍ ମାଧ୍ୟମରେ ଲୋକଙ୍କ ଆକାଉଣ୍ଟରୁ ଏଟିଏମ୍ ନମ୍ବର ହ୍ୟାକ କରି ଲୋକଙ୍କୁ ଠକମାନେ ସହଜ ଉପାୟରେ ଅର୍ଥ ଠକି ନେଉଛନ୍ତି। ସଚେତନତା ସତ୍ତ୍ୱେ ଲୋକେ ଲୋଭର ବଶବର୍ତ୍ତୀ ହେଉଛନ୍ତି। ଏଥିରୁ କିପରି ଦୂରେଇ ରହି ନିରାପଦ ଉପାୟରେ ସଞ୍ଚୟ କରି ନିଜ ଅର୍ଥକୁ ସୁରକ୍ଷିତ ରଖିପାରିବେ ସେନେଇ ସେ ବିଭିନ୍ନ ପରାମର୍ଶ ଦେଇଥିଲେ।



ମାଲକାନଗିରିରେ ସଚେତନତା ରଥକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସେହିପରି କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଛି। ଏହି ଅବସରରେ ସମସ୍ତେ ସ୍ୱାବଲମ୍ବୀ ହୋଇ ଅର୍ଥ ସଂଚୟ କରନ୍ତୁ ବୋଲି ଜନସାଧାରଣଙ୍କୁ ବାର୍ତ୍ତା ଦେବାକୁ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲାପାଳ ଲଳିତ କୁମାର କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ ସନ୍ତୋଷ କୁମାର ରଥ ଓ ରାଜେନ୍ଦ୍ର ସମରଥ ଉପସ୍ଥିତ ରହି ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସଚେତନତା ରଥ ଜିଲାର ବିଭିନ୍ନ ସହରାଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରିବ । ଏହି ଅବସରରେ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା

